# ମନ୍ତ୍ରୀ-ଅଧିକାରୀଙ୍କ କଥାରେ ନାହିଁ ତାଳମେଳ

## ଭ୍ରମିତ କରୁଛନ୍ତି ଯୋଗାଣ ମନ୍ତ୍ରୀ / ଅବହେଳା କରୁଛନ୍ତି ନିରୀକ୍ଷକ

ଭୁବନେଶ୍ୱର,୧୯ ।୨(ସମିସ): ରାଜ୍ୟରେ ୩ ଲକ୍ଷରୁ ଅଧିକ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଚାଉଳ ନିଆଯାଉଥିଲା। ବିଧାନସଭାରେ ଏନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖିଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରା ଏ ନେଇ ପ୍ରଶ୍ନ କରିଥିଲେ। ମାତ୍ର ମନ୍ତ୍ରୀଙ୍କର ଏହି ତଥ୍ୟକୁ ଘୋର ବିରୋଧ କରିଛନ୍ତି ଉଭୟ ବିଜେଡି ଓ କଂଗ୍ରେସ ବିଧାୟକ । ମନ୍ତ୍ରୀ ବାରମ୍ବାର ବିଭ୍ରାନ୍ତିକର ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି।

ମନ୍ତ୍ରୀ କହିଛନ୍ତି ରାଜ୍ୟରେ ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଚାଉଳ ନିଆଯାଉଥିଲା । କେନ୍ଦୁଝରରେ ସର୍ବାଧିକ ୩୫ ହଜାର ୫୫୦ଜଣ ମୃତ ବ୍ୟକ୍ତି ରାସନ କାର୍ଡ ହାତେଇଥିଲେ। ସେହିପରି ଗଞ୍ଜାମରେ ୨୫ ହଜାର ୭୮୯, ମୟୂରଭଞ୍ଜରେ ୨୩ହଜାର ୭୯୯, ରାୟଗଡାରେ ୨୨ ହଜାର ୪୧୧ଜଣ ମୃତ ବ୍ୟକ୍ତି ରାସନ ଚାଉଳ ଉଠାଉଥିବା ମନ୍ତ୍ରୀ କହିଛନ୍ତି। ସେହିଭଳି ବର୍ତ୍ତମାନ ସୁଦ୍ଧା ୨ କୋଟି ୯୯ ଲକ୍ଷ ୫୦ ହଜାର ୮୨୦ ଜଣ ହିତାଧିକାରୀ ଇ-କେୱାଇସି କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ କୋଟି ୯୮ ଲକ୍ଷ ୧୪ ହଜାର ୯୨୧ ହିତାଧିକାରୀ ଓଡ଼ିଶା ଭିତରେ ଥାଇ ଏବଂ ୧ ଲକ୍ଷ ୩୫ ହଜାର ୮୯୯ ପିଡିଏସ୍ ହିତାଧିକାରୀ ଓଡ଼ିଶା ବାହାରେ ଥାଇ ନିଜ ଇ-କେୱାଇସି କରାଇଛନ୍ତି। ତେବେ ଯାଞ୍ଚ ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାମ ରାସନ କାର୍ଡ ତଥ୍ୟାବଳୀରେ ରହିଥିବା ଚିହ୍ନଟ କରାଯାଇଛି।

ଏ ସମ୍ପର୍କରେ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ଯୋଗାଣ ମନ୍ତ୍ରୀ ବାରମ୍ବାର ବିଭ୍ରାନ୍ତ କରୁଛନ୍ତି। ପୂର୍ବରୁ ୨୫ ଲକ୍ଷ ମୃତ କାର୍ଡ ଅଛି ବୋଲି ମନ୍ତ୍ରୀ କହୁଥିଲେ, ଏବେ କହୁଛନ୍ତି ୩ ଲକ୍ଷ। ରାସନ କାର୍ଡରେ ସାମିଲ ଓ ବାଦ ଦେବା ପ୍ରକ୍ରିୟା ଅଛି। ମୃତ ବ୍ୟକ୍ତିଙ୍କ ସ୍ଥାନରେ ନୂଆ କାର୍ଡ ଦିଆଯାଏ। ବିଜେଡି ସରକାରରେ ବି ଏଭଳି ଅନେକ ମୃତ ବ୍ୟକ୍ତିଙ୍କୁ ବାଦ ଦିଆଯାଇ ନୂଆ କାର୍ଡ ଦିଆଯାଇଛି। କିନ୍ତୁ ନୂଆ ସରକାର ଇ-କେୱାଇସି ନାଁରେ ଅବ୍ୟବସ୍ଥା ସୃଷ୍ଟି କରୁଛନ୍ତି। ଯଦି ଇ-କେୱାଇସି କରିବାର ଥିଲା ବିଭାଗ ପକ୍ଷରୁ ଆପ୍ଲିକେସନ ବ୍ୟବସ୍ଥା କରିବା ଆବଶ୍ୟକ ଥିଲା। ଏହା ନ କରିବା ଫଳରେ ବାହାରେ ରହୁଥିବା ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି ସରକାର। ସରକାର ଯେଉଁ ବ୍ୟବସ୍ଥା କରୁଛନ୍ତି ଏହା ଦ୍ୱାରା ୨୫ ରୁ ୨୮ ଲକ୍ଷ ଯୋଗ୍ୟ ହିତାଧିକାରୀ କଟିଯିବେ ବୋଲି ସେ ଆଶଙ୍କାବ୍ୟକ୍ତ କରିଛନ୍ତି ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦବାହିନୀ ପତି କହିଛନ୍ତି, ଅଯୋଗ୍ୟଙ୍କୁ ତାଲିକାରୁ ବାଦ୍ ଦିଆଯାଇ ଯୋଗ୍ୟଙ୍କୁ ଯୋଡ଼ାଯାଉଛି; କିନ୍ତୁ ଦଳୀୟ ଭିତ୍ତିରେ ଏସବୁ ନ କରିବା ପାଇଁ ସେ ଦାବି କରିଛନ୍ତି।

■ ହାଇକୋର୍ଟରେ ଆର୍ଦ୍ରଭୂମି ସୁରକ୍ଷା ପ୍ରସଂଗ

# କେନ୍ଦ୍ର ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

କଟକ,୧୯ ।୨(ସମିସ): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ରହିଥିବା ଆର୍ଦ୍ରଭୂମିଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରସଂଗରେ ହାଇକୋର୍ଟ ନିଜ ଆଡୁ ମାମଲା ଦାୟର କରି ଶୁଣାଣି କରୁଛନ୍ତି। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିନଥିବାରୁ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୫କୁ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

କେନ୍ଦ୍ର ସରକାର ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ ଦେଶରେ ୮୫ଟି ରାମସାର ସାଇଟ ଆର୍ଦ୍ରଭୂମି ମଧ୍ୟରେ ଓଡ଼ିଶାର ୬ଟି ରହିଛି। ଚିଲିକା ହ୍ରଦ, ଭିତରକନିକା ହେନ୍ତାଳବଣ, ସାତକୋଶିଆ, ତାମ୍ପରା ହ୍ରଦ, ହୀରାକୁଦ ଜଳଭଣ୍ଡାର ଓ ଅଂଶୁପା ଆଦି ଅନ୍ତର୍ଭୁକ୍ତ। ଆର୍ଦ୍ରଭୂମି ପରିଚାଳନା ଓ ସଂରକ୍ଷଣ ନିୟମାବଳୀ-୨୦୧୭ ଅନୁସାରେ ଚିହ୍ନଟ ଆର୍ଦ୍ରଭୂମିକୁ ସରକାର ଯାଞ୍ଚ ଓ ସୀମା ନିର୍ଦ୍ଧାରଣ ଆଦି କରିବା ପାଇଁ ବ୍ୟବସ୍ଥା ରହିଛି। କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଜାତୀୟ ଆର୍ଦ୍ରଭୂମି ସଂରକ୍ଷଣ କାର୍ଯ୍ୟକ୍ରମ (ଏନଏଲସିପି) ଓ ଜାତୀୟ ହ୍ରଦ ସଂରକ୍ଷଣ ଯୋଜନା(ଏନସିଏଲପି)ରେ ରାଜ୍ୟର ଚିହ୍ନିତ ରାମସାର ସାଇଟ ଆର୍ଦ୍ରଭୂମିଗୁଡ଼ିକ ପାଇଁ ଅର୍ଥରାଶି ପ୍ରଦାନ କରିଛନ୍ତି। ଏହି କ୍ରମରେ ଚିଲିକା ହ୍ରଦ ପାଇଁ ଗତ ୧୯୮୯ରୁ ୨୦୨୪ମଧ୍ୟରେ ମୋଟ୩୦.୮୭କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅର୍ଥରାଶି ମଧ୍ୟରେ ୪.୭କୋଟି ଟଙ୍କା ସମନ୍ୱିତ ପରିଚାଳନା ଯୋଜନା ପାଇଁ ପ୍ରଦାନ କରାଯାଇଛି। ସେହିଭଳି ଭିତରକନିକା ପାଇଁ ଜାତୀୟ ଉପକୂଳ ମିଶନରେ ଗତ ୨୦୨୧ରୁ ୨୦୨୩ମଧ୍ୟରେ ୭୨.୫୪କୋଟି ଟଙ୍କା ଦିଆଯାଇଛି।

ପ୍ରକାଶଥାଉକି ଆର୍ଦ୍ରଭୂମି କର୍ତ୍ତୃପକ୍ଷ ମାନ ଏଭଳି କାର୍ଯ୍ୟରେ ଅବହେଳା କରୁଥିବା ନେଇ ରାମସାର ସାଇଟ ଆର୍ଦ୍ରଭୂମି ସଂରକ୍ଷଣ ଓ ପରିଚାଳନା ପ୍ରସଂଗରେ ରୁଜୁ ମାମଲାରେ ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସୁପ୍ରିମକୋର୍ଟ ଗତ ୨୦୨୪ ଡିସେମ୍ବର୧୧ରେ ସମସ୍ତ ହାଇକୋର୍ଟଙ୍କୁ ସମ୍ପୃକ୍ତ ରାଜ୍ୟର ଆର୍ଦ୍ରଭୂମି ଗୁଡିକର ବାସ୍ତବ ସ୍ଥିତି ଯାଞ୍ଚ ପ୍ରସଂଗରେ ନିଜ ଆଡୁ ମାମଲା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଆଜି ଓଡ଼ିଶା ଆସିବେ ନବନିଯୁକ୍ତ କଂଗ୍ରେସ ପ୍ରଭାରୀ

ଭୁବନେଶ୍ୱର,୧୯।୨(ସମିସ): ଗୁରୁବାର ଓଡ଼ିଶା ଆସିବେ ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ। ଗୁରୁବାର ସକାଳେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଶ୍ରୀ ଲଲ୍ଲୁଙ୍କ ଓଡ଼ିଶା ପ୍ରଭାରୀ ଭାବେ ନିଯୁକ୍ତି ମିଳିବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ଶ୍ରୀ ଲଲ୍ଲୁଙ୍କୁ କଂଗ୍ରେସର ବହୁ ବରିଷ୍ଠ ନେତା ବିମାନବନ୍ଦରଠାରେ ସ୍ୱାଗତ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ଶ୍ରୀ ଲଲ୍ଲୁ ଭୁବନେଶ୍ୱରରେ ପହଞ୍ଚିବା ପରେ ପୁରୀ ଗସ୍ତ କରିବେ ବୋଲି ଜଣାପଡ଼ିଛି। ପୁରୀରେ ସେ ନୂତନ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ଶ୍ରୀଜୀଉଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୨୧ ତାରିଖରେ ସେ କଂଗ୍ରେସ ଭବନଠାରେ କଂଗ୍ରେସ ଦଳର ବରିଷ୍ଠ ନେତାଙ୍କ ସହ ଏକ ବୈଠକ କରିବା ସହ ଏକ ସାମ୍ବାଦିକ ସମ୍ମିଳନୀ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ପ୍ରଭାରୀଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ଆଜି ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ସମସ୍ତ ନବ ନିଯୁକ୍ତ ପ୍ରଭାରୀଙ୍କ ସହ ବୈଠକ କରିଛନ୍ତି। ଏହି ବୈଠକରେ ସେ କଂଗ୍ରେସ ସୁଦୃଢ଼ ନେଇ ରଣନୀତି ପ୍ରସ୍ତୁତ କରିଥିବା ବେଳେ ବିଭିନ୍ନ ରାଜ୍ୟରେ କିପରି କଂଗ୍ରେସ ଆଗକୁ ବଢ଼ିବ ସେନେଇ ଆଲୋଚନା କରିଥିବା ଜଣାପଡ଼ିଛି।

# ବିଷ୍ଣୁପଦଙ୍କ ଘରେ ରେଡ୍‌କୁ ନେଇ ପ୍ରଶ୍ନ ଉଠାଇଲେ ଅନନ୍ତ

ଭୁବନେଶ୍ୱର,୧୯।୨(ସମିସ): ରାଜ୍ୟର ଅନ୍ୟତମ ପ୍ରମୁଖ ପ୍ରଶାସନିକ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ହୋଇଥିବା ଚଢ଼ଉକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ। ଏହି ଚଢ଼ଉ ସମୟରେ ତାଙ୍କ ଝିଅ ପରୀକ୍ଷା ପ୍ରସ୍ତୁତିରେ ଥିବା ବେଳେ ତାଙ୍କୁ ଅଯଥା ପଚରା ଉଚରା କରାଯିବା ସହ ମାନସିକ ଯନ୍ତ୍ରଣା ଦିଆଯାଇଥିବା ନେଇ ତାଙ୍କ ସ୍ତ୍ରୀ ଗଣମାଧ୍ୟମରେ ବୟାନ ଦେଇଛନ୍ତି। ଶ୍ରୀ ସେଠୀଙ୍କର ଘରେ ଚଢ଼ଉ ହେଉଥିବା ସମୟରେ ସିବିଆଇ ଅଧିକାରୀଙ୍କ ଦ୍ୱାରା ଯେପରି ବ୍ୟବହାର କରାଯାଇଛି, ତାହା ଦୁର୍ଭାଗ୍ୟ ଜନକ ବୋଲି ଶ୍ରୀ ସେଠୀ କହିଛନ୍ତି।

ଶ୍ରୀ ସେଠୀ କହିଛନ୍ତି ଯେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ନିର୍ଦ୍ଦିଷ୍ଟ ଭାବେ ଟାର୍ଗେଟ କରାଯାଇଛି। ସେ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ହୋଇଥିବା ସତ୍ତ୍ୱେ ତଦନ୍ତକାରୀ ଅଫିସରମାନେ ତାଙ୍କୁ ଟଣାଓଟରା କରୁଥିବାର ଭିଡିଓ ଭାଇରାଲ ହୋଇଛି। ତାଙ୍କ ନାଁରେ ଏଫ୍‌ଆଇଆର୍ କିମ୍ବା ସର୍ଚ୍ଚ ୱାରେଣ୍ଟ ନ ଥିବା ସତ୍ତ୍ୱେ ତାଙ୍କୁ ଏପରି ଅପମାନିତ କରିବା ବୈଷମ୍ୟବାଦୀ ମାନସିକତାର ପରିଚୟ ବୋଲି ସେ କହିଛନ୍ତି। ରାଜ୍ୟର କିଛି ମୁଷ୍ଟିମେୟ ଅଧିକାରୀ ଶ୍ରୀ ସେଠୀଙ୍କ କ୍ୟାରିୟର ନଷ୍ଟ କରିବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ବର୍ଗରୁ ଆସିଛନ୍ତି। ତାଙ୍କ ଶାସନ ସମୟରେ ରାଜ୍ୟରେ ପଛୁଆ ବର୍ଗର ଜଣେ ଆଇଏଏସ ଅଧିକାରୀଙ୍କ ସହ ଏପରି ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀ ଏବଂ ସରକାର ଶ୍ରୀ ସେଠୀଙ୍କୁ ନ୍ୟାୟ ଦେବା ଆବଶ୍ୟକ। ଯଦି ରାଜ୍ୟ ପ୍ରଶାସନ ତାଙ୍କୁ ନ୍ୟାୟ ଦେବାରେ ବିଫଳ ହୁଏ, ତେବେ ରାଜ୍ୟରେ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ବର୍ଗ ଚୁପ୍ ହୋଇ ବସିବେ ନାହିଁ ବୋଲି ଶ୍ରୀ ସେଠୀ କହିଛନ୍ତି।

# ରାଜ୍ୟରେ ମୁଣ୍ଡ ପିଛା ୧୮୦ ଅଣ୍ଡା ଆବଶ୍ୟକ

ଭୁବନେଶ୍ୱର,୧୯।୨(ସମିସ): ରାଜ୍ୟରେ ବାର୍ଷିକ ମୁଣ୍ଡପିଛା ୧୮୦ଟି ଅଣ୍ଡା ଆବଶ୍ୟକ ହେଉଥିବା ବେଳେ ମାତ୍ର ୮୦ଟି ଉପଲବ୍ଧ ହେଉଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରର ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ଭେଷଣ ଅନୁସନ୍ଧାନ ସଂସ୍ଥା (ଆଇସିଏମଆର)ର ତଥ୍ୟ ଅନୁଯାୟୀ ରାଜ୍ୟରେ ବାର୍ଷିକ ମୁଣ୍ଡପିଛା ୧୮୦ଟି ଅଣ୍ଡା ଏବଂ ୧୦.୮୦ କିଲୋ ମାସର ଆବଶ୍ୟକତା ରହିଛି। ତେବେ ୨୦୨୩-୨୪ ବର୍ଷରେ ରାଜ୍ୟରେ ବାର୍ଷିକ ମୁଣ୍ଡପିଛା ୮୦ଟି ଅଣ୍ଡା ଓ ୫.୨୦ କିଲୋ ମାଂସ ଉପଲବ୍ଧ ହେଉଛି। ଉପଲବ୍ଧ ହେଉଥିବା ମାଂସ ମଧ୍ୟରୁ କୁକୁଡ଼ା ମାଂସର ପରିମାଣ ୨.୯୩ କିଲୋଗ୍ରାମ ରହିଛି। ମନ୍ତ୍ରୀ ଶ୍ରୀ ମଲ୍ଲିକ ଉଲ୍ଲେଖ କରିଛନ୍ତି ଯେ ବିଂଶତମ ପଶୁଗଣନା ଅନୁଯାୟୀ ଓଡ଼ିଶାରେ ୧୩, ୯୮,୧୮୬ ସଂଖ୍ୟକ କୁକୁଡାଚାଷୀ ରହିଛନ୍ତି। ୧୩୬ ମେଟ୍ରିକ ଟନ୍ କୁକୁଡ଼ା ମାଂସ ଓ ୩୭୨ କୋଟିରୁ ଅଧିକ ଅଣ୍ଡା ଉତ୍ପାଦନ କରୁଛନ୍ତି। ଓଡ଼ିଶାରୁ ଉତ୍ପାଦିତ କୁକୁଡ଼ା ମାଂସ ପଶ୍ଚିମବଙ୍ଗ, ଛତିଶଗଡ ଓ ଝାଡ଼ଖଣ୍ଡ ରାଜ୍ୟକୁ ରପ୍ତାନି ହେଉଛି। ଏହାଛଡା ବଲାଙ୍ଗିରଠାରେ ଥିବା ଓଭୋ ଫାର୍ମରୁ ଆମ ରାଜ୍ୟରୁ ଅନ୍ୟ ଦେଶ ଯଥା ଓମାନ, କାତାର ଓ ଅନ୍ୟ ଆଫ୍ରିକୀୟ ଦେଶକୁ ଅଣ୍ଡା ରପ୍ତାନି ହେଉଛି।

# ନନ୍ଦନକାନନରେ ମଣିପୁର ହରିଣର ମୃତ୍ୟୁ

ବାରଙ୍ଗ,୧୯।୨(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୬ ନମ୍ବର(ଖ) ଖୁଆଡ଼ରେ ରହୁଥିବା ଗୋଟିଏ ଅଣ୍ଡିରା ମଣିପୁର ହରିଣର ବୁଧବାର ସକାଳେ ମୃତ୍ୟୁ ଘଟିଛି। ନିଜ ନିଜ ଭିତରେ ମାରପିଟ୍ କାରଣରୁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତ ହରିଣର ଶବ ବ୍ୟବଚ୍ଛେଦ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଏହି ପ୍ରଜାତିର ହରିଣର ମୃତ୍ୟୁ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୨୧ରେ ପହଞ୍ଚିଛି। ଏହି ପ୍ରଜାତିର ହରିଣ ମଣିପୁରୀ, ବର୍ମା ଓ ଥାଇଲାଣ୍ଡର ସନ୍ତସନ୍ତଆ ଅଞ୍ଚଳରେ ବାସ କରନ୍ତି।

# ୨୩ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୨(ସମିସ): ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରଥିଲେ। ଏହି ଅବସରରେ ସେ କହିଛନ୍ତି, ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ। ଏହାର ସଂରକ୍ଷଣ ଓ ପ୍ରଚାରପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସମୟର ଆହ୍ୱାନ। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ୍ କୁମାର ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ। ୧୯ ଫେବୃଆରୀରୁ ଆରମ୍ଭ ହୋଇଥିବା ଏହି ମେଳା ୧ ଅପ୍ରେଲ୍ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସକାଳ ୧୧.୩୦ରୁ ରାତି ୯.୩୦ ଯାଏଁ ମେଳା ଖୋଲା ରହିବ। ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ପିଲାମାନଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା



■ ୧ ଅପ୍ରେଲ୍ ପର୍ଯ୍ୟନ୍ତ ଚାଲିବ ପ୍ରଦର୍ଶନୀ
■ ଏଥର ୨୨୫ଷ୍ଟଲ୍, ୧୫କୋଟିର ବେପାର ଲକ୍ଷ୍ୟ

କରାଯାଇଛି। ଚଳିତଥର ମୋଟ୍ ୨୨୫ଟି ଷ୍ଟଲ୍ ରହିଛି। ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକାଦୃତ ବୟନବସ୍ତ୍ର ସମ୍ବଲପୁରୀ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, ହାବସପୁରୀ ଆଦି ଉପଲବ୍ଧ ହେବ। ଉଦ୍‌ଘାଟନୀ ସଂଧ୍ୟାରେ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

■ ଆଗକୁ ବଢ଼ିଲା ବିଜେଡିର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା

# ୩୩ ସାଂଗଠନିକ ଜିଲ୍ଲା ପାଇଁ ନିଯୁକ୍ତ ହେଲେ ରିଟର୍ଣ୍ଣିଂ ଅଫିସର

ଭୁବନେଶ୍ୱର,୧୯ ।୨(ସମିସ): ବିଜୁ ଜନତା ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ୩୩ ସାଂଗଠନିକ ଜିଲ୍ଲାର ରଟର୍ଣ୍ଣିଂ ଅଫିସରଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ରିଟର୍ଣ୍ଣିଂ ଅଫିସର ପ୍ରତାପ କେଶରୀ ଦେବଙ୍କ ଦସ୍ତଖତରେ ଏହି ତାଲିକା ଜାରି କରାଯାଇଛି। ବିଜେଡିର ସଦସ୍ୟ ସଂଗ୍ରହ ଅଭିଯାନ ଶେଷ ହେବା ପରେ ଦଳର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା। ସେହି ଅନୁସାରେ ନିର୍ବାଚନ ପ୍ରକ୍ରିୟା ପାଇଁ ପଦକ୍ଷେପ ନିଆଯାଉଛି। ସାଂଗଠନିକ ନିର୍ବାଚନର ପ୍ରଥମ ପଦେକ୍ଷପ ସ୍ୱରୂପ ଜାନୁଆରୀ ୨୦ରେ ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ପ୍ରତାପ କେଶରୀ ଦେବଙ୍କୁ ରାଜ୍ୟ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ ହୋଇଛନ୍ତି। ଏହା ପରେ ସେ ଜିଲ୍ଲା ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରାଯିବାର ଥିଲା। ଏହା ପରେ ପର୍ଯ୍ୟାୟକ୍ରମେ ପଞ୍ଚାୟତ, ବ୍ଲକ୍, ଜିଲ୍ଲା ଓ ରାଜ୍ୟ ପରିଷଦ ପାଇଁ ସାଂଗଠନିକ ପଦ ପାଇଁ ନିର୍ବାଚନ ହେବ। ସର୍ବଶେଷରେ ରାଜ୍ୟ ପରିଷଦ ଏବଂ ରାଜ୍ୟ ସଭାପତି ପଦବୀ ପାଇଁ ନିର୍ବାଚନ ହେବ। ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ବାଚନ ତାରିଖ ଘୋଷଣା କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ଗତ ନିର୍ବାଚନ ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଜୁଲାଇ ମାସରେ ସଂଗଠନ ପୁନର୍ଗଠନ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ।

| ଜିଲ୍ଲା | ରିଟର୍ଣ୍ଣିଂ ଅଫିସର |
|---|---|
| ଅନୁଗୁଳ | ସରୋଜ ପଟ୍ଟନାୟକ |
| ବାଲେଶ୍ୱର | ମାନସ ଜେନା |
| ବରଗଡ଼ | ଅଶୋକ ବାରିକ |
| ଭଦ୍ରକ | ପୱନ କୁମାର ଶର୍ମା |
| ଭୁବନେଶ୍ୱର | ଜିତେନ୍ଦ୍ର କୁମାର ନନ୍ଦ |
| ବଲାଙ୍ଗିର | ଲେଙ୍କା ସାହୁ |
| ବୌଦ୍ଧ | ସନ୍ତୋଷ କୁମାର ନାୟକ |
| କଟକ | ମନୋରଞ୍ଜନ ଖଟୁଆ |
| ଦେବଗଡ଼ | କାମାକ୍ଷ ଗଙ୍ଗଦେବ |
| ଢେଙ୍କାନାଳ | ଗୋପାଳ ଚନ୍ଦ୍ର ପାତ୍ର |
| ଗଜପତି | ଟି ପ୍ରସାଦ ରାଓ |
| ଗଞ୍ଜାମ | ଦେବାନନ୍ଦ ମହାପାତ୍ର |
| ଜଗତସିଂହପୁର | ଜ୍ଞାନରଞ୍ଜନ ମହାନ୍ତି |
| ଝାରସୁଗୁଡ଼ା | ସାଜିଦ ବେଗ୍ |
| ଯାଜପୁର | ବାବାଜି ଚରଣ ଦାସ |
| କଳାହାଣ୍ଡି | ପ୍ରମୋଦ କୁମାର ସାହାଣି |
| କେନ୍ଦ୍ରାପଡ଼ା | ଭୀମସେନ ଭୂୟାଁ |
| କେନ୍ଦୁଝର | ସୁରେନ୍ଦ୍ର ଜେନା |
| ଖୋର୍ଦ୍ଧା | ଜଟାଧାରୀ ପ୍ରଦାନ |
| କନ୍ଧମାଳ | ପ୍ରତାପ କୁମାର ପାତ୍ର |
| କୋରାପୁଟ | ରଘୁରାମ ପୋଡାଲ |
| ମୟୂରଭଞ୍ଜ-୧ | ଅନନ୍ତ କୁମାର ଦାସ |
| ମୟୂରଭଞ୍ଜ-୨ | ଗୌରୀ ଶଙ୍କର ଦତ୍ତ |
| ମାଲକାନଗିରି | ଘନଶ୍ୟମା ମାଡକାମୀ |
| ନବରଙ୍ଗପୁର | ସଚ୍ଚିଦାନନ୍ଦ ସ୍ୱାଇଁ |
| ନୟାଗଡ଼ | ଗଙ୍ଗାଧର ପଣ୍ଡା |
| ନୂଆପଡ଼ା | ଚିତ୍ତରଞ୍ଜନ ବେହେରା |
| ପୁରୀ | ବୈରାଗୀ ଜେନା |
| ରାୟଗଡ଼ା | ବ୍ରଜସୁନ୍ଦର ନାୟକ |
| ରାଉରକେଲା | ଜୟନ୍ତ କୁମାର ମିଶ୍ର |
| ସୁନ୍ଦରଗଡ଼ | ଅଶୋକ କୁମାର ସ୍ୱାଇଁ |
| ସମ୍ବଲପୁର | ସଞ୍ଜୀବ କୁମାର ଷଡ଼ଙ୍ଗୀ |
| ସୁବର୍ଣ୍ଣପୁର | ଶରତ ଚନ୍ଦ୍ର ଭୋଇ |

■ ହାଇକୋର୍ଟରେ ନେତାଜୀ ସୁଭାଷଙ୍କ ସମ୍ପର୍କିତ ଜନସ୍ୱାର୍ଥ ମାମଲା

# ଜବାବ ଦାଖଲ ପାଇଁ ସମୟ ନେଲେ କେନ୍ଦ୍ର ସରକାର

କଟକ,୧୯ ।୨(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ରାଷ୍ଟ୍ରପୁତ୍ର ଘୋଷଣା ସହ ତାଙ୍କ ସମ୍ପର୍କିତ ସମସ୍ତ ଗୁଇନ୍ଦା ତଥ୍ୟକୁ ସାର୍ବଜନୀନ କରିବା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ଆଜି ହାଇକୋର୍ଟଙ୍କ ପୂର୍ବନିର୍ଦ୍ଦେଶ ମୁତାବକ କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କରିପାରିନାହାନ୍ତି। ତେବେ ଏଥିପାଇଁ ଅଧିକ ସମୟଲୋଡ଼ିଥିବା ବେଳେ ମାମଲାର ପରବର୍ତ୍ତୀ ଶୁଣାଣି ସୁଦ୍ଧା କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ଅଦାଲତ। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ପିନାକପାଣି ମହାନ୍ତିଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନେତାଜୀଙ୍କ ଜୟନ୍ତୀ ତଥା ଜାନୁଆରି ୨୩କୁ ଜାତୀୟ ଦିବସ ଭାବେ ପାଳନ କରାଯିବା ସହ ତାଙ୍କ ଜନ୍ମ ସ୍ଥାନ ସଂଗ୍ରହାଳୟକୁ ଜାତୀୟ ସ୍ମାରକୀ ଭାବେ ମାନ୍ୟତା ପ୍ରଦାନ ପାଇଁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି। ସେହିପରି ନେତାଜୀଙ୍କ ସମ୍ପର୍କିତ ସମସ୍ତ ଗୁପ୍ତ ତଥା ଗୁଇନ୍ଦା ବିଭାଗ ନଥିପତ୍ରକୁ ସାର୍ବଜନୀନ କରିବା ଓ ନେତାଜୀଙ୍କ ଅନ୍ତର୍ଦ୍ଧାନ ସମ୍ପର୍କରେ ଜଷ୍ଟିସ ମୁଖାର୍ଜୀ କମିସନଙ୍କ ରିପୋର୍ଟକୁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ପ୍ରାର୍ଥନା କରାଯାଇଛି।

ଏପରିକି ଆବେଦନକାରୀ ଉପରୋକ୍ତ ପ୍ରସଂଗକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଅତୀତରେ ଚିଠି ଲେଖିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଗୃହ ମନ୍ତ୍ରଣାଳୟକୁ ପଠାଯାଇଥିଲା। ତେବେ ଗୃହ ମନ୍ତ୍ରଣାଳୟ ଏଦିଗରେ କିଛି ପଦକ୍ଷେପ ନେଇନଥିବା ନେଇ ଆବେଦନକାରୀଙ୍କ ଓକିଲ ଅଦାଲତଙ୍କୁ ଅବଗତ କରାଇଥିଲେ। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟଜିତ ମୁଖାର୍ଜୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଡିଏସଜିଆଇ ପି.କେ. ପାଢ଼ୀ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଏସ.ବି.ପଣ୍ଡା ମାମଲା ପରିଚାଳନା କରୁଛନ୍ତି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୨ ତାରିଖକୁ ଧାର୍ଯ୍ୟ କରାଯାଇଛି।

■ ବିଧାନସଭାରେ ଗର୍ଜିଲା ବିଜେଡି

# 'ଏକ ସମୟରେ ନିର୍ବାଚନ' ସମ୍ବିଧାନର ହତ୍ୟା ପାଇଁ ଷଡ଼ଯନ୍ତ୍ର

ଭୁବନେଶ୍ୱର, ୧୯ ।୨ (ସମିସ): ଏକ ସମୟରେ ଦୁଇଟି ରାଜ୍ୟର ନିର୍ବାଚନ ଠିକ୍ ଭାବେ ପରିଚାଳନା କରିପାରୁନାହାନ୍ତି। ନାନା ଅନିୟମିତତା ଓ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଆଉ ଏମାନେ କହୁଛନ୍ତି, ଗୋଟିଏ ଦେଶ ଗୋଟିଏ ନିର୍ବାଚନ ଆଇନ ଆଣିବେ। ଏକ ସମୟରେ ସାରା ଦେଶରେ ସଂସଦରୁ ନେଇ ୱାର୍ଡମେମ୍ବର, ସରପଞ୍ଚ ନିର୍ବାଚନ କରିବେ। ରାଜ୍ୟ ସରକାର ତଥା ଆଞ୍ଚଳିକ ଦଳକୁ ନିଷ୍ପ୍ରଭ କରିବା ପାଇଁ ଏହା ବିରାଟ ଷଡ଼ଯନ୍ତ୍ର ବୋଲି କହିଛନ୍ତି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

ଶ୍ରୀ ସ୍ୱାଇଁ କହିଥିଲେ, ସଂଘୀୟ ବ୍ୟବସ୍ଥା ଏବଂ ସାମ୍ବିଧାନିକ ଅଧିକାରକୁ ହନନ କରିବା ପାଇଁ ଏହା ଚକ୍ରାନ୍ତ। ଏକ ସମୟରେ ନିର୍ବାଚନ କରାଇବା ଅବାସ୍ତବ ଏବଂ ଅବାନ୍ତର। ଦିଲ୍ଲୀ, ମହାରାଷ୍ଟ୍ର, ହରିୟାଣା ନିର୍ବାଚନରେ ବହୁ ଗୁରୁତର ଜାଲିଆତି ସାମ୍ନାକୁ ଆସିଲା। ଭୋଟର୍ ତାଲିକାରେ ସାଂଘାତିକ ଜାଲିଆତି ହୋଇଛି। ଗୋଟିଏ ରାଜ୍ୟର ଲୋକଙ୍କୁ ଆଣି ଆଉ ଗୋଟିଏ ରାଜ୍ୟର ଭୋଟର ତାଲିକାରେ ଯୋଡ଼ି ଦିଆଯାଇଛି। ଗୋଟିଏ ଦେଶ ଗୋଟିଏ ନିର୍ବାଚନର ନକ୍ସା ଏପରି ପ୍ରସ୍ତୁତ କରାଯାଇଛି ଯେ ରାଜ୍ୟମାନଙ୍କର ସ୍ୱାୟତ୍ତତା ହଜିଯିବ। ରାଜ୍ୟ ସରକାରଙ୍କ ଅଧିକାର କ୍ଷୁଣ୍ଣ କରି ରାଷ୍ଟ୍ରପତି ଅନୁରୂପ ଶାସନ ବ୍ୟବସ୍ଥା ଲାଗୁ କରିବା ପାଇଁ କେନ୍ଦ୍ର ସରକାର ମସୁଧା ଚଳାଇଛନ୍ତି।

ଅପରପକ୍ଷେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ କେବଳ ନିର୍ଯାତନା ପାଇବା ସାର ହେବ। ବିଭିନ୍ନ ପ୍ରକାର ନିର୍ବାଚନ ପାଇଁ ତିନି ମାସ ପର୍ଯ୍ୟନ୍ତ ସେମାନେ ଘାଣ୍ଟି ହେବେ। ସେମାନଙ୍କ ମନୋବଳ ଭାଙ୍ଗିଯିବ। ଦେଶ ସ୍ୱାଧୀନତା ପାଇବା ପରେ ବହୁ ଦଳୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ ଦ୍ୱାରା କେନ୍ଦ୍ର ତଥା ରାଜ୍ୟମାନଙ୍କରେ ବିଭିନ୍ନ ରାଜନୈତିକ ଦଳ କ୍ଷମତା ହାସଲ କରିପାରିଛନ୍ତି। କିନ୍ତୁ ଏକ ସମୟରେ ନିର୍ବାଚନ ହେଲେ ଆଞ୍ଚଳିକ ଦଳମାନେ ନିଶ୍ଚିହ୍ନ ହୋଇଯିବେ।

## ବଡ଼ ମେଡିକାଲରେ ବିକଳ ଅବସ୍ଥା

# ମିଳିଲାନି ଗାଡ଼ି; ସାଇକେଲ୍‌ରେ ବୁହା ହେଲେ ରୋଗୀ

କଟକ,୧୯।୨(ସମିସ): ବଡ଼ ମେଡିକାଲରେ ରୋଗୀସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ମହିଳାଙ୍କୁ ତାଙ୍କ ପୁଅ ସାଇକେଲରେ ବୋହି



ୱାର୍ଡକୁ ଯାଉଥିବା ଚିତ୍ର ଆଜି ସାମ୍ନାକୁ ଆସିଛି। ଆଗାମୀ ଦିନରେ ବିଶ୍ୱସ୍ତରୀୟ ରୂପରେଖ ପାଇବାକୁ ଯାଉଥିବା ଏସ୍‌ସିବିରେ ଏଭଳି ଘଟଣାକୁ ବିଭିନ୍ନମହଲରେ ନିନ୍ଦା କରାଯାଇଛି। ପ୍ରତ୍ୟେକ ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର କୋଟିକୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଏପରି ଅଭାବନୀୟ ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣା ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ଘଟଣାରୁ ପ୍ରକାଶ ଯେ, ଢେଙ୍କାନାଳ ଅଞ୍ଚଳର ଜଣେ ମହିଳା ବଡ଼ ମେଡିକାଲ ଆସିଥିଲେ। ତାଙ୍କ ପେଟରେ ଯନ୍ତ୍ରଣା ହେଉଥିଲା। ଡାକ୍ତରଙ୍କ ପରାମର୍ଶ ମୁତାବକ ଅଲଟ୍ରାସାଉଣ୍ଡ କରାଇବା ପାଇଁ ରଞ୍ଜନରଶ୍ମି ବିଭାଗକୁ ଯାଇଥିଲେ। ସେଠାରେ ପରୀକ୍ଷା କରିବା ପରେ ଅନ୍ୟ ୱାର୍ଡକୁ ଯାଇଥା'ନ୍ତେ। ପାଖରେ ପୁଅ ମାନସ ନାୟକଙ୍କ ସହ ଅନ୍ୟ ଜଣେ ସମ୍ପର୍କୀୟ ଥିଲେ। ଉଭୟ ବ୍ୟାଟେରୀ ଗାଡ଼ିକୁ ଅପେକ୍ଷା କରିଥିଲେ। ହେଲେ କିଛି ସମୟ ବିତିଯାଇଥିଲେ ମଧ୍ୟ ତାଙ୍କୁ ଏହି ସେବା ମିଳି ପାରିନଥିଲା। ବାଧ୍ୟ ହୋଇ ମାନସ ଏବଂ ଅନ୍ୟ ଜଣେ ସମ୍ପର୍କୀୟ ସମ୍ପୃକ୍ତ ମହିଳାଙ୍କୁ ସାଇକେଲରେ ବସାଇ ୱାର୍ଡକୁ ନେଇ ଯାଇଥିଲେ। କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ରାଜ୍ୟ ସ୍ୱାସ୍ଥ୍ୟ ସେବାର ପ୍ରାଣକେନ୍ଦ୍ର କଟକ ବଡ଼ ମେଡିକାଲରେ ଏଭଳି ଦୃଶ୍ୟ ସାଧାରଣ ଲୋକଙ୍କୁ ହତବାକ କରିଛି। ବଡ଼ ମେଡିକାଲରେ ପ୍ରଶାସନିକ ଦୁର୍ବଳତା ଯୋଗୁଁ ରୋଗୀସେବା ଦିନକୁ ଦିନ ବ୍ୟାଘାତ ଘଟୁଥିବା ନେଇ ମଧ୍ୟ ଅଭିଯୋଗ ଆସିଲାଣି।

## ଏସ୍‌ସିବିରେ ବିରଳ ଅସ୍ଥିମଜ୍ଜା ପ୍ରତିରୋପଣ

# ସୁସ୍ଥ ହେଲା ୨ବର୍ଷର ଶିଶୁ

କଟକ,୧୯।୨(ସମିସ): ଏସ୍‌ସିବି ମେଡିକାଲ ଇତିହାସରେ ସଫଳତାର ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ପ୍ରଥମଥର ନିମନ୍ତେ ସରକାରୀ ବ୍ୟବସ୍ଥା ଭିତରେ ଜଣେ ଶିଶୁର ଅସ୍ଥିମଜ୍ଜା ପ୍ରତିରୋପଣ ହୋଇଛି। ହେମାଟୋଲୋଜି ବିଭାଗରେ ଅସ୍ଥିମଜ୍ଜା ପ୍ରତିରୋପଣ ଦ୍ୱାରା ସୁସ୍ଥ ହୋଇଥିବା ଶିଶୁଜଣଙ୍କ ହେଲେ ୨ବର୍ଷର ଏଲିଜା ନାଜ୍। ତାଙ୍କ ୪ ବର୍ଷର ବଡ଼ ଭଉଣୀ ଆତିଫା

■ ରାଜ୍ୟ ସ୍ୱାସ୍ଥ୍ୟସେବା ଇତିହାସରେ ପ୍ରଥମ ଘଟଣା
■ ଷ୍ଟେମ୍ ସେଲ୍ ଦାନ କଲେ ୪ବର୍ଷୀୟା ବଡ ଭଉଣୀ

ନାଜ୍ ହିଁ ଷ୍ଟେମ୍ ସେଲ୍ ଦାନ କରି ଏଲିଜାଙ୍କୁ ରକ୍ତ କର୍କଟରୁ ରକ୍ଷା କରିଛନ୍ତି। ଶିଶୁଙ୍କ କ୍ଷେତ୍ରରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଯିବା ଏବଂ ଜଣେ ଶିଶୁ ଷ୍ଟେମ ସେଲ୍ ଦାନ କରିବା କ୍ଷେତ୍ରରେ ଏହା ଓଡ଼ିଶାର ପ୍ରଥମ ଘଟଣା ବୋଲି ଏସ୍‌ସିବି କ୍ଲିନିକାଲ ହେମାଟୋଲୋଜି ବିଭାଗ ପକ୍ଷରୁ କୁହାଯାଇଛି।

ଝାଡ଼ଖଣ୍ଡ ଧାନବାଦ ଅଞ୍ଚଳର ଶାହରୁଖ ଅନସାରୀଙ୍କ ଦୁଇ ଝିଅ ଏଲିଜା ଏବଂ ଆତିଫା। ଗତବର୍ଷ ଏଲିଜା ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଜାମସେଦପୁରର ଟାଟା ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ସେ ଆକ୍ୟୁଟ ମାଇଲଡ୍ ଲ୍ୟୁକୋମିଆରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥା ଅତି ଜଟିଳ ଥିବାରୁ ଅସ୍ଥି ମଜ୍ଜା ପ୍ରତିରୋପଣ ନିମନ୍ତେ ଡାକ୍ତର ପରାମର୍ଶ ଦେଇଥିଲେ। ଗତ ମାସ ୭ ତାରିଖରେ ଏଲିଜା ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏସ୍‌ସିବି ଅସ୍ଥିମଜ୍ଜା



ପ୍ରତିରୋପଣ ୟୁନିଟ ମୁଖ୍ୟ ପ୍ରଫେସର ଡାକ୍ତର ଆର.କେ ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଏହାର ଚିକିତ୍ସା କରିଥିଲେ। କ୍ଲିନିକାଲ ହେମାଟୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ସୁଧା ସେଠୀ, ଶିଶୁ ରୋଗ ବିଭାଗର ପ୍ରଫେସର ଗୀତା ସେଠୀ ଏବଂ ଡାକ୍ତର ଅନ୍ୱେଷା ଦାସ, ଡାକ୍ତର ମନମୋହନ ବିଶ୍ୱାଳ, ଡାକ୍ତର ପ୍ରାଚୀ ପ୍ରତିଚି ଦାସ ଏହି ଦଳରେ ରହିଥିଲେ।





# ଯୁକ୍ତ ଦୁଇ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

- ମିଳିଲା ଅର୍ଦ୍ଧଦଗ୍ଧ ମୃତଦେହ
- ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ

କଟକ,୧୯।୨(ସମିସ)

ପୁରୀଘାଟ ଥାନା ଅନ୍ତର୍ଗତ ମଠସାହି ଗୋପାଳଜୀଉ ଲେନରେ ଥିବା ମିନାକ୍ଷୀ କଟେଜରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଭୋର ସମୟରେ କଟେଜର ସିଡ଼ିରୁ ଜଣେ ନାବାଳକର ମୃତଦେହ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମୃତ ନାବାଳକ ଜଣକ ଅଙ୍କନ ଦତ୍ତ(୧୭)। ଖ୍ରୀଷ୍ଟ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ପଢୁଆ ଛାତ୍ର ଅଙ୍କନ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଉଥିଲେ ସୁଦ୍ଧା ପାରିପାର୍ଶ୍ୱିକ ପରିସ୍ଥିତିରୁ ଅପରାଧିକ କାର୍ଯ୍ୟକଳାପର ସନ୍ଦେହ ଆସୁଛି। କଟେଜର ବାହାର ପାଖରୁ ତାଲା ଦିଆଯାଇଥିବା ବେଳେ କୋଠାର ସିଡ଼ିରେ ଅଙ୍କନଙ୍କ ମୃତଦେହ ମିଳିଥିଲା। ଏଣୁ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ମଧ୍ୟ ଅଭିଯୋଗ ଆଣିଛନ୍ତି।

ଘଟଣାରୁ ପ୍ରକାଶ ଯେ ପଶ୍ଚିମବଙ୍ଗର ତନ୍ମୟ ଦତ୍ତ ପତ୍ନୀ ଓ ଏକମାତ୍ର ପୁଅ ଅଙ୍କନ ସହିତ ମିନାକ୍ଷୀ କଟେଜରେ ରୁହନ୍ତି। କୋଠାର ଦ୍ୱିତୀୟ ମହଲାରେ ଏହି ପରିବାର ରହୁଥିଲେ। ତନ୍ମୟ ଦୀର୍ଘ ୩୦ ବର୍ଷ ହେବ ଚୌଧୁରୀ ବଜାରରେ ସୁନା ବ୍ୟବସାୟ କରିଆସୁଛନ୍ତି। ଆସନ୍ତା ୨୦ ତାରିଖରେ ଗାଁରେ ସମ୍ପର୍କୀୟଙ୍କ ବାହାଘର ଥିବାରୁ ବୁଧବାର ଭୋର ପ୍ରାୟ ୫ଟା ବେଳେ ପରିବାର ସହିତ ପଶ୍ଚିମବଙ୍ଗ ଯିବାକୁ ଯୋଜନା କରିଥିଲେ। ତେଣୁ ମଙ୍ଗଳବାର ରାତି ପ୍ରାୟ ଗୋଟାଏରେ ପରିବାର ସଦସ୍ୟ ଶୋଇବାକୁ ରୁମକୁ ଯାଇଥିଲେ। ଭୋର ପ୍ରାୟ ତିନିଟା ବେଳେ କୋଠାରେ ଧୂଆଁ ବାହାରିବାରୁ ପଡ଼ୋଶୀ ଘରର ଜଣେ ସଦସ୍ୟ ଘର ମାଲିକଙ୍କୁ ଫୋନ୍ କରି ଜଣାଇଥିଲେ। ପରେ ଘର ମାଲିକ କୋଠାରେ ରହୁଥିବା ସମସ୍ତ ଭଡ଼ାଟିଆଙ୍କୁ ଜଣାଇଥିଲେ। ସମସ୍ତେ ଘର ବାହାରକୁ ବାହାରିବାକୁ ଉଦ୍ୟମ କରିବାରୁ ବାହାରି ପାରି ନ ଥିଲେ। ବାହାର ପଟୁ କେହି ତାଲା ଦେଇ ବନ୍ଦ କରିଦେଇଥିଲେ। ତଳ ମହଲାରେ ରହୁଥିବା ଜଣେ ଭଡ଼ାଟିଆ କୌଶଳକ୍ରମେ ବାହାରକୁ ଆସି ସମସ୍ତ ଭଡ଼ାଟିଆଙ୍କ ଘରର ବାହାର ପଟୁ ଦିଆଯାଇଥିବା ତାଲା ଖୋଲିଥିଲେ। ସିଡ଼ି ପାହାଚରେ ଅଙ୍କନ ତଳେ ପଡ଼ି ଜଳୁଥିଲେ। ତାଙ୍କ ଉପରେ ପାଣି ଢାଳି ଲିଭାଇବାକୁ ଉଦ୍ୟମ କରାଯାଇଥିଲା। ଏହାସହିତ ବକ୍ସିବଜାର ଅଗ୍ନିଶମ ବିଭାଗକୁ ମଧ୍ୟ ଏ ସଂକ୍ରାନ୍ତରେ ଫୋନ୍ କରି ସୂଚନା ଦିଆଯାଇଥିଲା। ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଅଙ୍କନ ସମ୍ପୂର୍ଣ୍ଣ ଜଳିଯାଇଥିଲେ। ପୁରୀଘାଟ ଥାନା ପୁଲିସ ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## 'ବ୍ୟକ୍ତିର ସ୍ୱାତନ୍ତ୍ରତା ଗୁରୁତ୍ୱପୂର୍ଣ୍ଣ'

**ଏନ୍‌ଡିପିଏସ୍ ମାମଲାରେ ଅଟକ ଅଭିଯୁକ୍ତଙ୍କୁ ମୁକ୍ତ ପାଇଁ ନିର୍ଦ୍ଦେଶ**

**କଟକ,୧୯ ।୨(ସମିସ):** ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଶବ୍ଦରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପ୍ରାକୃତିକ ସ୍ୱାତନ୍ତ୍ରତା ଓ ଜୀବନର ସାମାନ୍ୟ ସୁବିଧାରୁ ବଞ୍ଚିତ କରିବା ଶରୀରକୁ କ୍ଷୁଧାରେ ରଖିବାଠାରୁ ବି ଖରାପ। ଏଣୁ ଜଣେ ବ୍ୟକ୍ତିର ସ୍ୱତନ୍ତ୍ରତା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ କହିଛନ୍ତି। ପେସାଦାର ନିଶାଦ୍ରବ୍ୟ କାରବାର ପାଇଁ ନୀଳକଣ୍ଠ ପ୍ରଧାନଙ୍କୁ ଅଟକ ନେଇ ପ୍ରଦାନ କରାଯାଇଥିବା ୨୦୨୪, ଜୁଲାଇ ୨୩ର ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। କେନ୍ଦ୍ର ସରକାର ୨୦୨୪, ଅକ୍ଟୋବର ୧୮ ରେ ପ୍ରଦାନ କରିଥିବା ଆଦେଶକୁ ମଧ୍ୟ ହାଇକୋର୍ଟ ଖାରଜ କରି ନୀଳକଣ୍ଠଙ୍କୁ ମୁକ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନୀଳକଣ୍ଠଙ୍କ ପିଟିସନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ ତିନୋଟି ନିଶା କାରବାର ମାମଲାରେ ସଂପୃକ୍ତ ଥିବା ନୀଳକଣ୍ଠ ଜାମିନରେ ଥିବା ବେଳେ ତାଙ୍କୁ ଏନଡିପିଏସ ଆଇନର ଧାରା ୩ରେ ଥିବା ବ୍ୟବସ୍ଥା ଅନୁସାରେ ଅଟକ ରଖିବା ପାଇଁ ପ୍ରସ୍ତାବ ଦାଖଲ ହୋଇଥିଲା। ଯଦି ନୀଳକଣ୍ଠ ବାହାରେ ରୁହନ୍ତି ତେବେ ସେ ନିଶାଦ୍ରବ୍ୟ କାରବାର ବ୍ୟାପକ କରିବେ ଓ ଏହା ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ଦର୍ଶାଯାଇଥିଲା। ଏହାପରେ ୨୦୨୪, ଜୁଲାଇ ୨୩ରେ ନୀଳକଣ୍ଠଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶକୁ କେନ୍ଦ୍ର ସରକାର କାଏମ ରଖିଥିଲେ। ନୀଳକଣ୍ଠଙ୍କୁ ଉପଯୁକ୍ତ ଭାବେ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନଥିଲା ବୋଲି ଅଭିଯୋଗ କରି ଏହି ମାମଲା ଦାୟର ହୋଇଥିଲା।

## ଦୁଷ୍କର୍ମ ଅଭିଯୋଗ; ଯୁବକ ଗିରଫ

**କଟକ,୧୯।୨(ସମିସ):** ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ଅଭିଯୋଗରେ ଜଣେ ଯୁବକକୁ ଲାଲବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ବାଲୁବଜାର ଅଞ୍ଚଳର ପ୍ରମୋଦଚନ୍ଦ୍ର ବେହେରା(୩୨)। ବୁଧବାର ତାକୁ କୋର୍ଟ ଚାଲାଣ କରାଯାଇଛି। କିଛି ମାସ ପୂର୍ବେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ପ୍ରମୋଦର ପରିଚିତ ହୋଇଥିଲା। ବନ୍ଧୁତା ପରେ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଗଢିଉଠିଲା। ପରବର୍ତ୍ତୀ ସମୟରେ ପ୍ରମୋଦ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିଲା। କିଛି ଦିନ ପରେ ଯୁବତୀ ଜଣକ ବିବାହ କଥା କହିବାରୁ ପ୍ରମୋଦ ସ୍ପଷ୍ଟ ଭାବେ ମନା କରିଦେଇଥିଲା। ଏହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ବିବାଦ ଉପୁଜିବାରୁ ପ୍ରମୋଦ ଆଉ ଧରାଛୁଆଁ ଦେଲାନାହିଁ। ଅନ୍ୟ ଉପାୟ ନପାଇ ପୀଡିତା ଥାନାର ଦ୍ୱାରସ୍ଥ ହୋଇଥିଲେ।

## ମାର୍ଚ୍ଚ ୭ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**କଟକ,୧୯ ।୨(ସମିସ):** ଆସନ୍ତା ମାର୍ଚ୍ଚ ୭ତାରିଖରେ କଟକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଜିଲ୍ଲାର ୧୪ଟି ଯାକ ବ୍ଲକର ୧୮ ରୁ ୩୫ ବର୍ଷର ଯୁବକ ଯୁବତୀ ଅଂଶଗ୍ରହଣ କରିପାରିବେ। ଏହି ନିଯୁକ୍ତି ମେଳାରେ କୃଷି, ଫାର୍ମାସିଷ୍ଟ, ସିକ୍ୟୁରିଟି ଏଜେନ୍ସି, ସ୍ୱାସ୍ଥ୍ୟସେବା, ଅଟୋମୋବାଇଲ୍ ଭଳି ପ୍ରାୟ ୫୦ଟି କ୍ଷେତ୍ର ଅଂଶଗ୍ରହଣ କରିବେ। ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ସଂସ୍ଥାରେ ନିଯୁକ୍ତି ବା ତାଲିମ ପାଇପାରିବେ। ବିଭିନ୍ନ ବ୍ଲକରୁ ଆସୁଥିବା ଯୁବକଯୁବତୀଙ୍କୁ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ନେବା ଆଣିବା କରିବା ପାଇଁ କଟକ ନେତାଜୀ ବସ୍ ଟର୍ମିନାଲ ଏବଂ କଟକ ରେଳ ଷ୍ଟେସନଠାରେ ଗାଡିର ବ୍ୟବସ୍ଥା କରାଯିବ। ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ପ୍ରସ୍ତୁତି ବୈଠକରେ କଟକ ମହାନଗର ନିଗମ ଅତିରିକ୍ତ କମିଶନର କଳ୍ପତରୁ ବେହେରା, ସହକାରୀ ପରିବହନ ଅଧିକାରୀ ଟନା ମୁର୍ମୁ, ଶିଳ୍ପ ତାଲିମ କେନ୍ଦ୍ର ସହକାରୀ ପ୍ରବନ୍ଧକ ଶରତ କୁମାର ମହାଲିକ, ଏସଡିଓ ରମେଶଚନ୍ଦ୍ର ସ୍ୱାଇଁ, ୱାଟକୋ ସହକାରୀ ପ୍ରବନ୍ଧକ ଅରବିନ୍ଦ ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଯୋଗ ଦେଇଥିଲେ।



ସହରରେ ଅଦିନିଆ ବର୍ଷା

### ବାରଙ୍ଗ ତହସିଲ ଜମି ଦୁର୍ନୀତି ବିରୋଧରେ

## ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ




କଟକ,୧୯।୨(ସମିସ)

ବାରଙ୍ଗ ତହସିଲର ପୂର୍ବତନ ତହସିଲଦାର, ଅମିନ, ସୁପରଭାଇଜର ଓ ନାଜରଙ୍କ ଦ୍ୱାରା ବାରଙ୍ଗ ତହସିଲ ଅଞ୍ଚଳରେ ଥିବା ରତାଗଡ଼ ଲେଙ୍କାସାହି ମୌଜାର ମୂଲ୍ୟବାନ ଜମି ନିଜନିଜର ସମ୍ପର୍କୀୟମାନଙ୍କ ନାମରେ ବେଆଇନ ଭାବରେ କରାଇ ନେଇଥିବା ପ୍ରତିବାଦରେ ବାରଙ୍ଗ ସଂଗ୍ରାମ ସମିତି ପକ୍ଷରୁ ଆଜି ପୂର୍ବାହ୍ନରେ କଟକ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଛି। କଚେରି ଗଡାରୁ ଏକ ବିଶାଳ ପଟୁଆର ବାହାରି ଜିଲ୍ଲାପାଳଙ୍କ ମୁଖ୍ୟଫାଟକ ସମ୍ମୁଖରେ ପହଞ୍ଚିଥିଲା। ଏହି ବିକ୍ଷୋଭର ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ବିଭୂତିଭୂଷଣ ବେହେରା, କିଶୋର ଚନ୍ଦ୍ର ବେହେରା, ଦିଲ୍ଲୀପ ରାୟଚୌଧୁରୀ, ସୁକାନ୍ତ ସେଠୀ, ପ୍ରସନ୍ନ ମହାପାତ୍ର, ଛବି ଖୁଣ୍ଟିଆ, ନୈନା ଦେହୁରୀ, ନିତ୍ୟାନନ୍ଦ ନାୟକ, ସଞ୍ଜୀବ ପରିଡା, ମହମ୍ମଦ ସନାଉଲ୍ଲା, ଜିଗର ବାଦଲ ରାଠୋର, ସୌମ୍ୟ ପ୍ରଧାନ, ଅନିଲ ଭୂୟାଁ, ରାଜକିଶୋର ବେହେରା ଓ ଝିଲି ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ଜମି ଦୁର୍ନୀତିରେ ପୂର୍ବତନ ତହସିଲଦାରଙ୍କ ସମେତ ସମ୍ପୃକ୍ତ ସମସ୍ତ କର୍ମଚାରୀ ଓ ବର୍ତ୍ତମାନର ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଏହି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଥିବାରୁ ସରକାର ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଶେଷରେ ଏକ ପାଞ୍ଚଜଣିଆ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳ ସମସ୍ତ କାଗଜପତ୍ର ଦେଖି ଅତିରିକ୍ତ ଜିଲ୍ଲାପାଳଙ୍କୁ ଏହାର ଶୁଣାଣି କରିବା ପାଇଁ ଲିଖିତ ନିର୍ଦ୍ଦେଶ ଦେଇଛନ୍ତି।

● ପୁଲିସ ଚଢ଼ଉ

## ଜେସିବି ମେସିନ୍ ସହ ୨ ଟ୍ରାକ୍ଟର ଜବତ



**ତ୍ରିଶୂଳିଆ,୧୯।୨(ସମିସ):** ବାରଙ୍ଗ ଅଞ୍ଚଳରେ ଦିନରାତି ବାଲି ମାଫିଆମାନେ ସକ୍ରିୟ ଥିବା ବେଳେ ଲଘୁଖଣିଜ ବିଭାଗ ଏହା ଉପରେ ଅଙ୍କୁଶ ଲଗାଇ ପାରୁନାହିଁ। ତେବେ, ମଙ୍ଗଳବାର ବିଳମ୍ବିତ ରାତିରେ ପୁଲିସକୁ ଏନେଇ ସଫଳତା ମିଳିଛି। ଲଘୁଖଣିଜ ବିଭାଗର ଅଧିକାରୀଙ୍କୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିରବତା ପାଇଁ ମାଫିଆମାନେ ବେଧଡକ ଭାବେ ବେଆଇନ ଚୋରା ବାଲି, ମୋରମ ଚାଲାଣ କରୁଛନ୍ତି। ପୁରୀ ମୁଖ୍ୟ କେନାଲ ବନ୍ଧରେ ଦୀର୍ଘ ବର୍ଷ ଧରି



ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ପାଟ୍ରୋଲିଂ କରୁଥିବା ସମୟରେ ପୁରୀ ମୁଖ୍ୟ କେନାଲ ବନ୍ଧ କଡ଼ରୁ ଓଡି ୦୫ଏଚ ୪୪୮୫ ଜେସିବି ମେସିନ ସାହାଯ୍ୟରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ସମୟରେ ୨ଟି ଟ୍ରାକ୍ଟର ଓଡି ୦୫ ବିଜେ ୪୨୮୭, ଓଡି ୦୫ବିଆର ୦୪୪୬ ଗାଡ଼ିକୁ ଜବତ କରାଯାଇଛି। ପରେ ଜଳ ସମ୍ପଦ ବିଭାଗ ଅଧିକାରୀ ଏବଂ ଗଚ୍ଛିତ ଥିବା ବାଲିକୁ କିଛି ମାଫିଆ ଦିନରାତି ବେଆଇନ ଭାବେ ଚୋରାରେ ଚାଲାଣ କରି ଲୁଟି ଚାଲିଛନ୍ତି। ଯାହାକି ସରକାରଙ୍କ ରାଜସ୍ୱ ହାନି ହେବା ସହିତ ପୁରୀ ମୁଖ୍ୟ କେନାଲ ବନ୍ଧରୁ ବାଲି ଚାଲାଣ ହେବାରୁ ବନ୍ଧ ଭାଙ୍ଗିବାର ସୃଷ୍ଟି ହୋଇଛି। ଫଳରେ ଭବିଷ୍ୟତରେ ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ କଡ଼ରେ ଥିବା ଚାଷଜମି ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।

# ଆଜିଠୁ କଟକରେ କବାଡ଼ି..କବାଡ଼ି






କଟକ,୧୯।୨(ସମିସ)

ପ୍ରଥମଥର ନିମନ୍ତେ ଓଡ଼ିଶାରେ ଆୟୋଜିତ ହେଉଛି ବରିଷ୍ଠ ପୁରୁଷ ଜାତୀୟ କବାଡି ଚାମ୍ପିଅନସିପ୍। କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ସନ୍ଧ୍ୟାରେ ପ୍ରତିଯୋଗିତା ଉଦ୍‌ଘାଟିତ ହେବ। ୪ଦିନ ଧରି ଏହି ପ୍ରତିଯୋଗିତା ଖେଳାଯିବ। ୩୦ଟି ରାଜ୍ୟ ସମେତ ୪ଟି ବିଭାଗୀୟ ଦଳ ଏଥିରେ ଭାଗ ନେବେ। ଏତଦବ୍ୟତୀତ ପ୍ରୋ-କବାଡି ଲିଗ୍‌ର ତାରକାଙ୍କୁ ମିଶାଇ ୫୦ରୁ ଅଧିକ ଚର୍ଚ୍ଚିତ କବାଡି ଖେଳାଳିଙ୍କୁ ଦେଖିବାକୁ ମିଳିବ।



▶ ୨୦୧୭ ମସିହାରେ ଓଡ଼ିଶାରେ ୪୪ତମ କନିଷ୍ଠ କବାଡ଼ି ଚାମ୍ପିଅନସିପ୍ ଆୟୋଜନ ହୋଇଥିଲା। ଭାରତୀୟ କବାଡି ମହାସଂଘ ଏବଂ ଓଡ଼ିଶା କବାଡି ସଂଘର ମିଳିତ ଆନୁକୂଲ୍ୟରେ ହୋଇଥିବା ପ୍ରତିଯୋଗିତା ଅଭୁତପୂର୍ବ ସଫଳତା ପାଇଥିଲା। ଏହି ସଫଳତାର ପୁନରାବୃତ୍ତି ହେବ। ଏଥର ବରିଷ୍ଠ ବର୍ଗର ଚାମ୍ପିଅନସିପ୍ ଆୟୋଜନ କରି ଓଡ଼ିଶା ଏକ ମାଇଲଷ୍ଟୋନ ସ୍ଥାପନ କରିବ।

**– ଡ. ଶରତ ସାହୁ, ସଭାପତି, ଓଡ଼ିଶା କବାଡ଼ି ସଂଘ**



▶ ଓଡ଼ିଶାରେ ପ୍ରଥମଥର ବରିଷ୍ଠ ପୁରୁଷ କବାଡ଼ି ଚାମ୍ପିଅନସିପ୍ ଆୟୋଜନ ହେଉଛି। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯାଇଛି। ପ୍ରାୟତଃ ସମସ୍ତ ରାଜ୍ୟ ଦଳ କଟକରେ ପହଞ୍ଚି ସାରିଲେଣି। ବିଭିନ୍ନ ହୋଟେଲ ସମେତ ବାରବାଟୀ ଷ୍ଟାଡିୟମ ପରିସରରେ ଖେଳାଳିଙ୍କ ରହଣି ବ୍ୟବସ୍ଥା ହୋଇଛି। ପ୍ରୋ-କବାଡି ଲିଗ୍‌ର ତାରକା ଖେଳାଳିଙ୍କୁ ଦେଖିବାକୁ ଉତ୍ସାହ ରହିଛି।

**– ଅଜୟ ବେହେରା, ସମ୍ପାଦକ, ଓଡ଼ିଶା କବାଡ଼ି ସଂଘ**



▶ ଓଡ଼ିଶାରେ ପ୍ରଥମଥର ବରିଷ୍ଠ କବାଡି ଚାମ୍ପିଅନସିପ୍ ଖେଳାଯିବ। କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ହୋଇଥିବା ଆୟୋଜନ ଉତ୍ସାହଜନକ। ଖେଳୁଆଡ ମନୋଭାବ ନେଇ ସମସ୍ତ ପ୍ରତିଯୋଗୀ ମଇଦାନକୁ ଓହ୍ଲାଇବେ।

**– ପୱନ ସେରାୱତ, ଅନ୍ତର୍ଜାତୀୟ କବାଡ଼ି ଖେଳାଳି**



▶ ପୱନ ସେରାୱତ୍, ନବୀନ କୁମାର ଗୋୟତ୍, ଅସ୍‌ଲାମ୍ ଇମାମ୍‌ଦାର, ଅର୍ଜୁନ ଦେଶୱାଲ୍, ପଙ୍କଜ ମୋହିତେ, ବିକାଶ କାନ୍ଦୋଲା, ଦେଭାଙ୍କ ଦଲାଲ୍, ଆମୁ ମଲ୍ଲିକ, ନରେନ୍ଦ୍ର କନ୍ଦୋଲା, ଭାରତ ହୁଡାଙ୍କ ଭଳି ପ୍ରତିଯୋଗୀ ଭାଗ ନେବେ। ଅନେକ ନାମିଦାମୀ ଖେଳାଳିଙ୍କୁ କଟକବାସୀ ଦେଖିବାକୁ ପାଇବେ। ଏବେ କଟକରେ କବାଡିର କ୍ରେଜ ରହିବ।

**– ଶ୍ରୀତମ ଦାସ, ଆବାହକ, ଅଭ୍ୟର୍ଥନା କମିଟି**

▶ ଜାତୀୟ ଇଭେଣ୍ଟର ପ୍ରଚାର ଓ ପ୍ରସାର ପାଇଁ ଏକ ଥିମସଙ୍ଗ୍ 'ରାଗ୍ ପକଡ' ପ୍ରସ୍ତୁତ କରାଯାଇଛି। ଅଳ୍ପଦିନ ଭିତରେ ଏହା ଲୋକପ୍ରିୟ ହୋଇ ସାରିଲାଣି। ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଭବ୍ୟ ଆୟୋଜନ ହୋଇଛି। ଖେଳାଳିମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଓଡ଼ିଶା କବାଡି ସଂଘ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି।



**– ଉଲ୍ଲାସ ଚନ୍ଦ୍ର ବେହୁରା, ଜାତୀୟ କବାଡ଼ି ଇଭେଣ୍ଟର ମୁଖ୍ୟ ସଂଯୋଜକ**



▶ କଟକର ବିଭିନ୍ନ ହୋଟେଲରେ ଖେଳାଳି ଏବଂ ମ୍ୟାଚ୍ ଅଫିସିଆଲଙ୍କ ରହଣୀ ବ୍ୟବସ୍ଥା କରାଯାଇଛି। ଏତଦବ୍ୟତୀତ ବାରବାଟୀ ଷ୍ଟାଡିୟମ ପରିସରସ୍ଥ କର୍ପୋରେଟ ବକ୍ସ, ଏସି ଗ୍ୟାଲେରୀ ବକ୍ସରେ ମଧ୍ୟ ଖେଳାଳି ରହିବେ। ଭାରତର ବିଭିନ୍ନ ରାଜ୍ୟରୁ ଖ୍ୟାତନାମା କ୍ରୀଡ଼ା ସଙ୍ଗଠକମାନେ ଏହା ଭିତରେ କଟକ ଆସିବେ। ପ୍ରତିଯୋଗିତା ଆୟୋଜନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି।

**– ସତ୍ୟବ୍ରତ ମିଶ୍ର, ଇଭେଣ୍ଟ କମିଟି ସଦସ୍ୟ**

# ଆମ୍ବିଳିଝରୀ ହତ୍ୟା ଘଟଣା: ଜଣେ ଗିରଫ

ଚୌଦ୍ୱାର, ୧୯।୨(ସମିସ): ଚୌଦ୍ୱାର ଥାନା ଅଧୀନ ମହିଁଷାଲଣ୍ଡା ପଞ୍ଚାୟତର ଆମ୍ବିଳିଝରି ଗ୍ରାମରେ ଜଣେ ବୃଦ୍ଧଙ୍କ ଆକ୍ରମଣରେ ଜଣକର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ସେହି ଗ୍ରାମର ସନ୍ତୋଷ ନାୟକ (୫୨)। ପୁଲିସ ସୂଚନା ଅନୁଯାୟୀ, ଆମ୍ବିଳିଝରି ଗ୍ରାମର ସୁବର୍ଣ୍ଣ କଳା (୬୫)ଙ୍କ ପ୍ରଥମ ପତ୍ନୀ ବିୟୋଗ ପରେ ସେ ଦ୍ୱିତୀୟ ବିବାହ କରି ସେହି ଗ୍ରାମରେ ରହୁଥିଲେ। ହେଲେ ସନ୍ତୋଷଙ୍କ ସହିତ ଦ୍ୱିତୀୟପତ୍ନୀଙ୍କ ଅନୈତିକ ସମ୍ପର୍କ ରହିଥିଲା। ମଙ୍ଗଳବାର ଅପରାହ୍ନରେ ସନ୍ତୋଷ ଓ ସୁବର୍ଣ୍ଣଙ୍କ ପତ୍ନୀ ଅସଞ୍ଜତ ଅବସ୍ଥାରେ ଥିବା ଦେଖି ସୁବର୍ଣ୍ଣ ଉତ୍କ୍ଷିପ୍ତ ହୋଇ ପାଖରେ ପଡ଼ିଥିବା ଏକ ଲୁହା ରଡ଼ରେ ସନ୍ତୋଷର ମୁଣ୍ଡକୁ ପିଟି ଦେଇଥିଲା। ପ୍ରବଳ ରକ୍ତସ୍ରାବ ହେବା ଫଳରେ ଘଟଣାସ୍ଥଳରେ ସନ୍ତୋଷର ମୃତ୍ୟୁ ଘଟିଥିଲା। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଅଭିଯୁକ୍ତ ସୁବର୍ଣ୍ଣଙ୍କୁ ଖୋଜାଖୋଜି କରି ଗ୍ରାମ ମୁଣ୍ଡରେ ଥିବା ଏକ ଘର ଭିତରୁ ଗିରଫ କରିଥିଲା। ପୁଲିସ ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହିତ ବୁଧବାର ଅଭିଯୁକ୍ତ ସୁବର୍ଣ୍ଣଙ୍କୁ କୋର୍ଟଚାଲାଣ କରିଛି।

# ଓଲଟିଲା ଚୋରା ବାଲି ବୋଝେଇ ଟ୍ରାକ୍ଟର

ମାହାଙ୍ଗା, ୧୯।୨(ସମିସ): ମାହାଙ୍ଗା ତହସିଲ ଅଧୀନରେ ଥିବା ନଦୀଗୁଡିକରୁ ଏବେ ବାଲି ସୈରାତ ନ ଥାଇ ଦିନ ଦ୍ୱିପ୍ରହରରେ ଜେସିବି ସାହାଯ୍ୟରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନର ଅଣଦେଖା ହେତୁ ବାଲି ମାଫିଆମାନେ ମାଲେମାଲ ହେଉଥିବା ଜନସାଧାରଣମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଯାହାଫଳରେ ନଦୀବନ୍ଧ ରାସ୍ତା ଠାରୁ ଆରମ୍ଭ କରି ଗ୍ରାମ୍ୟ ରାସ୍ତାଗୁଡିକ ନଷ୍ଟ ହେବା ସହ ଖାଲଖମା ସୃଷ୍ଟି ହେଉଥିବା ସହ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି। ସୂଚନା ମୁତାବକ ବାସୁଦେବପୁର ପଞ୍ଚାୟତର ବାଣପୁର ନଦୀଘାଟରୁ ବାଲି ଉଠାଇ ବାଣପୁରକୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ନଦୀବନ୍ଧ ତଳକୁ ଓଲଟି ପଡ଼ିଥିଲା। ଏହି ବାଲି ବୋଝେଇ ଟ୍ରାକ୍ଟରଟି ଦୂରରୁ ଏକ ବୋଲେରୋ ଗାଡିକୁ ଦେଖି ଦ୍ରୁତଗତିରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ନଦୀବନ୍ଧ ତଳକୁ ଓଲଟି ପଡ଼ିଥିଲା। ଫଳରେ ଗାଡି ଚାଳକ ଜଣକ ସାମାନ୍ୟ ଆହତ ହୋଇଥିବାବେଳେ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ସଚେତନତା ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ମାହାଙ୍ଗା, ୧୯।୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ସେମିଓଟସକ୍ସ କମ୍ପ୍ୟୁଟର ପରିସରରେ ଜନଶକ୍ତି ପାର୍ଟି ପକ୍ଷରୁ ଜନ ସଚେତନତା ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ ଯୋଗଦେଇ ଉଚ୍ଚ ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ସୁଧମୁକ୍ତ ଋଣ, ବକେୟା ବିଦ୍ୟୁତ୍ ବିଲ ଛାଡ, ଦରଦାମ ନିୟନ୍ତ୍ରଣ, ଚିଟଫଣ୍ଡ ଟଙ୍କା ଫେରସ୍ତ, ଠିକା କର୍ମଚାରୀ ବ୍ୟବସ୍ଥା ଉଚ୍ଛେଦ, ସ୍ଥାୟୀ ନିଯୁକ୍ତି, ସମାନ କାମ ପାଇଁ ସରକାରୀ କର୍ମଚାରୀମାନଙ୍କୁ ପେନସନ ବ୍ୟବସ୍ଥା, ରିଲିଫ କୋଡ ସଂଶୋଧନ ସହ ଅଡିଟ ବ୍ୟବସ୍ଥା, କୃଷକଙ୍କୁ ପେନସନ, ଭାଗଚାଷୀ ଆଇନ ପ୍ରଣୟନ, ଉତ୍କଳମଣୀ ଗୋପବନ୍ଧୁ ଓ ମଧୁବାବୁଙ୍କୁ ମରଣୋତ୍ତର ଭାରତ ରତ୍ନ ଆଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିବା ସହ ଆସନ୍ତା ଏପ୍ରିଲ ୧ ତାରିଖ ଠାରୁ ସମଗ୍ର ରାଜ୍ୟରେ ସଚେତନତା ଯାତ୍ରା କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଦିଲୀପ ଦାସ, ପ୍ରଚାର କମିଟି ଅଧ୍ୟକ୍ଷ ସୂର୍ଯ୍ୟମଣି ପଣ୍ଡା, ମହାଦେବ ସେନା ରାଜ୍ୟସମ୍ପାଦକ ଗୌତମ ବେହେରା, ବରିଷ୍ଠ ସାମ୍ବାଦିକ ଅଶୋକ ଦାଶ, ମୁନା ମହାପାତ୍ର ପ୍ରମୁଖ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଆର୍ଶିବାଦ ଓ ସହଯୋଗ କାମନା କରିଥିଲେ। ମିଡିଆ ସେଲ ଜିଲ୍ଲା ସଭାପତି ତଥା ଶିକ୍ଷାବିତ ରମେଶଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିଆ ମଙ୍ଗଳା ମନ୍ଦିର ଚୋରି ଘଟଣା: ୩ ଗିରଫ



ଟାଙ୍ଗୀ, ୧୯।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ମଣିଆ ଗ୍ରାମସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିରରୁ ଚୋରି ଘଟଣାରେ ଟାଙ୍ଗୀ ପୁଲିସ ୩ ଜଣଙ୍କୁ ଗିରଫ କରି ବୁଧବାର ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ତିନିଜଣ ମଣିଆ ଗ୍ରାମର ଜଗା ଓରଫ ସଂଗ୍ରାମ ବାରିକ (୩୨), କାଳିଆ ଓରଫ ତପନ ମଳିକ (୩୨) ଓ ପ୍ରଶାନ୍ତ ଦେହୁରୀ (୨୬)। ସେମାନଙ୍କ ନିକଟରୁ କେତେକ ଚୋରି ସାମଗ୍ରୀ ଜବତ ହୋଇଥିବାବେଳେ ମୂଲ୍ୟବାନ ଅଳଙ୍କାର ମିଳିପାରିନି। ଥାନା କେସ୍ ନଂ ୩୩/୨୫ ଦଫା ୩୩୧(୪), ୩୧୫, ୩୧୭, ୧୧୧(୨)(ବି) ଓ ୩(୫) ବିଏନଏସ୍ ଅନୁଯାୟୀ ସେମାନଙ୍କ ନାମରେ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ବିକାଶ ସେଠୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ଆଜକୁ ଏକ ସପ୍ତାହ ତଳେ ମଙ୍ଗଳା ମନ୍ଦିରରୁ ଚୋରି ଘଟଣା ନେଇ ଥାନାରେ ଅଭିଯୋଗ ହୋଇଥିଲା।

## ମାହାଙ୍ଗାରେ ପ୍ରଶାସନିକ ଅଚଳାବସ୍ଥା; ଲୋକେ ହୀନସ୍ତା

# ବ୍ଲକ୍ କାର୍ଯ୍ୟାଳୟରେ ଲୋକପ୍ରତିନିଧିଙ୍କ ଧାରଣା

ମାହାଙ୍ଗା/ଭଦ୍ରେଶ୍ୱର, ୧୯।୨(ସମିସ)

ସମସ୍ୟା ବହୁଳ ମାହାଙ୍ଗା ବ୍ଲକରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଲୋକେ ନାହିଁ ନ ଥିବା ହୀନସ୍ଥାର ସମ୍ମୁଖିନ ହେଉଥିଲା ବେଳେ ପ୍ରଶାସନ ରାଜନୈତିକ ଚାପରେ ନୀରବଦ୍ରଷ୍ଟା ସାଜିଛି। ଏହାର ପ୍ରତିବାଦରେ ଆଜି ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ବାଚିତ ଲୋକପ୍ରତିନିଧିମାନେ ଅହୋରାତ୍ର ଧାରଣାରେ ବସିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଗତ ବିଧାନସଭା ନିର୍ବାଚନରେ ମାହାଙ୍ଗାରେ

**■ ରାଜନୈତିକ ଚାପରେ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ**

ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରଧାନ ନିର୍ବାଚିତ ହୋଇଥିଲେ। ରାଜ୍ୟରୁ ବିଜେଡି ସରକାର କ୍ଷମତାରୁ ହଟିଯିବା ପରେ ବିଜେପି ସରକାର କ୍ଷମତାସୀନ ହୋଇଥିଲା। ବିଗତ ଦିନରେ ବିଜେଡି ସରକାର ସର୍ବୋପରି ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁଁ



ମାହାଙ୍ଗାରେ ବ୍ୟାପକ ଲୋକାଭିମୁଖୀ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲା। ତେବେ ସରକାର ପରିବର୍ତ୍ତନ ହେବା ପରେ ଏହି ବ୍ଲକରେ ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଛି। ଉନ୍ନୟମମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ପଞ୍ଚାୟତ ସମିତି ଅଧୀନରେ ଦୀର୍ଘ ୮ ମାସ ହେବ କୌଣସି ମଞ୍ଜୁରୀ ପ୍ରାପ୍ତ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇନାହିଁ। କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ନିର୍ବାହୀ ଯନ୍ତ୍ରୀ କେବଳ ଅଫିସରେ ଉପସ୍ଥାନ ପକାଇ ବସି ରହୁଛନ୍ତି। କୌଣସି ଅଞ୍ଚଳକୁ ଯାଉ ନାହାନ୍ତି କିମ୍ବା ଲେ ଆଉଟ ଦେଉ ନାହାନ୍ତି। ଫଳରେ ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଏକ ରକମ ଠପ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପୂର୍ବରୁ ସମ୍ପାଦିତ ହୋଇଥିବା ବିଭିନ୍ନ ଯୋଜନା ଗୁଡିକର ବିଲ ସହକାରୀ ଯନ୍ତ୍ରୀଙ୍କ ପରିମାପ ପାଇଁ ଯାଇଥିଲେ ମଧ କୌଣସି କାରଣ ନ ଥାଇ ସମ୍ପୃକ୍ତ ଅଧିକାରୀ ସେହି ବିଲ ଗୁଡିକୁ ପାସ କରିପାରୁନାହାନ୍ତି। ଏଥିରେ ରାଜନୈତିକ ହସ୍ତକ୍ଷେପ ରହିଥିବାର ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ଭାବେ ପଞ୍ଚାୟତ ସମିତିକୁ ବିଶ୍ୱାସକୁ ନିଆଯାଉନାହିଁ। ଏପରିକି ପଞ୍ଚାୟତ ସମିତିରେ ଆଦୌ ଆଲୋଚନା କରା ନ ଯାଇ ଚଳିତ ବର୍ଷର ଜିଆଇଏ ଫଣ୍ଡରେ ପ୍ରକଳ୍ପ ଗୁଡିକ ମଧ ମଞ୍ଜୁରୀ ହୋଇସାରିଛି। ପ୍ରଶାସନ ତରଫରୁ ନିର୍ବାଚିତ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କୁ ଉପେକ୍ଷା ଓ ଅଣଦେଖା କରାଯାଉଥିବାର ଅଭିଯୋଗ ହୋଇଛି। ପୂର୍ବରୁ ପଞ୍ଚାୟତ ସମିତି ଅଧୀନରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ବକେୟା ପ୍ରାପ୍ୟ ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଉ ନ ଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ମୃତ୍ୟୁକାଳୀନ ଶୂନ୍ୟସ୍ଥାନରେ ନୂତନ ଭତ୍ତା ମଞ୍ଜୁରୀର ବ୍ୟବସ୍ଥା ରହିଥିଲା ବେଳେ ଅନେକ ବିଧବା ଓ ଦିବ୍ୟାଙ୍ଗମାନେ ଯଥାବିଧି ଆବେଦନ କରି ମଧ ତାର କୌଣସି ସୁଫଳ ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ମାହାଙ୍ଗା ଜନସାଧାରଣ ମହରଗରୁ ଯାଇ କାନ୍ତାରରେ ପଡ଼ିଛନ୍ତି। ବ୍ଲକ କାର୍ଯ୍ୟାଳୟକୁ ଲୋକେ ଦୌଡି ଦୌଡି ଆର୍ଥିକ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି।

ଏହି ସମସ୍ୟାଗୁଡିକ ପ୍ରତି ନିର୍ବାଚିତ ଲୋକପ୍ରତିନିଧିମାନେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ତାର କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଆଜି ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ବହୁ ନିର୍ବାଚିତ ଲୋକପ୍ରତିନିଧିମାନେ ଅହୋରାତ୍ର ଧାରଣାରେ ବସିଥିବାର ଜଣାଯାଇଛି। ତେବେ ନିର୍ବାଚିତ ଲୋକପ୍ରତିନିଧିମାନେ ଧାରଣାରେ ପ୍ରଚଣ୍ଡ ଖରାରେ ବସିଥିଲା ବେଳେ କାମଚଳା ବିଡିଓ ଦ୍ୱିବେନ୍ଦୁ ଦାଶ ଧାରଣାସ୍ଥଳକୁ ଯାଇ ଚରମ ହଟହଟାର ସମ୍ମୁଖୀନ ହୋଇ ଫେରିବାକୁ ବାଧ ହୋଇଥିଲେ।

# ୩ କୋଟି ଟଙ୍କାର ୩ଟି ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି, ୧୯।୨(ସମିସ): ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅନୁଦାନରେ ନିର୍ମାଣ କରାଯାଇଥିବା ତିନୋଟି ପାନୀୟ ଜଳ ପ୍ରକଳ୍ପକୁ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ବୁଧବାର ଅପରାହ୍ନରେ ଶୁଭ ଉଦ୍‌ଘାଟନ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ସୁକରପଡ଼ା, କେନ୍ଦୁପାଟଣା ଓ କୋଲଣପୁର ପଞ୍ଚାୟତରେ ନିର୍ମାଣ ହୋଇଥିବା ଏହି ୩ଟି ପ୍ରକଳ୍ପ ଦ୍ୱାରା ୭ ହଜାରରୁ ଉର୍ଦ୍ଧ୍ୱ ଲୋକମାନେ ଜଣକ ପିଛା ଦୈନିକ ୧୭ ଲିଟର ପାଣି ପାଇବାର ବ୍ୟବସ୍ଥା କରାଯାଇଛି। ବିଧାୟକ ଶ୍ରୀ ପ୍ରଧାନ ପ୍ରଥମେ ବନମାଳିପୁରରେ ୭୫ ଲକ୍ଷ ୨୧ ହଜାର ଟଙ୍କାରେ ନିର୍ମିତ କରାଯାଇଥିବା ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କିକୁ ଉଦ୍‌ଘାଟନ କରିବା ସହିତ ଏହାଦ୍ୱାରା ଏହି ଗ୍ରାମର ୭୩୭ ଜଣ ଲୋକେ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ଏହାପରେ କେନ୍ଦୁପାଟଣା ଠାରେ ୧କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ୨ଲକ୍ଷ କ୍ଷମତାବିଶିଷ୍ଟ ଟାଙ୍କିକୁ ଉଦ୍‌ଘାଟନ କରି ୪୭୭୧ ଜଣ ଲୋକ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ।



ସେହିପରି କୁଳିଆ ଠାରେ ୧କୋଟି ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ୫୦ ହଜାର ଟଙ୍କା ବିଶିଷ୍ଟ ପାନୀୟଜଳ ପ୍ରକଳ୍ପରେ କୁଳିଆ, ଅଡଙ୍ଗା, ଡ଼ିଙ୍ଗେଶ୍ୱର ଗ୍ରାମର ୧୯୧୨ ଜଣ ଉପକୃତ ହୋଇପାରିବେ ବୋଲି ଜଣାଯାଇଛି। କୁଳିଆଠାରେ ସଞ୍ଜୟ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗୋପବନ୍ଧୁ ସେଠୀ, ସମିତିସଭ୍ୟା ସବିତା ସାମଲ, ରବୀନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ଯତିନ୍ଦ୍ରନାଥ ଜେନା, ରଞ୍ଜନ ରାଉତ, କୈଳାସ ବେହେରା, ସୁବାଷ ଚନ୍ଦ୍ର ସ୍ୱାଇଁ, ପିତାମ୍ବର ମହାନ୍ତି, ନୃସିଂହ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାସ, କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରା, ସତ୍ୟରଞ୍ଜନ ଭୋଇ, ଏଜେନ୍ସି ପରିଚାଳକ ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର: ୭୦ ୟୁନିଟ୍ ରକ୍ତ ସଂଗ୍ରହ

ନରସିଂହପୁର, ୧୯।୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ୧୬ ନମ୍ବର ଜୋନ୍ ଶରଧାପୁର ଜଗନ୍ନାଥ ପ୍ରସାଦ ହାଇସ୍କୁଲ ପରିସରରେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ପ୍ରତିନିଧି ଅଜିତ କୁମାର ଦାସଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନରସିଂହପୁର ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିବା



ବେଳେ ବିଜେପି କାର୍ଯ୍ୟକର୍ତ୍ତା ଜ୍ୟୋତି ରଞ୍ଜନ ସାମଲ, ବିଜେପି ଯୁବମୋର୍ଚ୍ଚା ସଭାପତି ନିଶିକାନ୍ତ ପଣ୍ଡା, ଯୁବ କାର୍ଯ୍ୟକର୍ତ୍ତା ସନତ ମହାନ୍ତି, ସୁଜିତ ଦାସ, ପ୍ରଫୁଲ୍ଲ ମୁଦୁଲି, ଅଜୟ ବେଜ, ପବିତ୍ର ବାରିକ୍, ମୁରଲୀଧର ବାରିକ୍, ଅଜିତ ମୁଦୁଲି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିରରେ ସର୍ବମୋଟ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଶତାୟୁ ମହିଳାଙ୍କ ପରଲୋକ

ନରସିଂହପୁର, ୧୯।୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ସରଧାପୁର ଗ୍ରାମପଞ୍ଚାୟତ ଜଗନ୍ନାଥ ପ୍ରସାଦ ପାଟଣା ଗ୍ରାମର ଶତାୟୁ ମହିଳା ଗୁରେଇ କାଠୁଆ (୧୦୨)ଙ୍କର ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା ସମାଜସେବୀ ମହିଳା ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ବିଭିନ୍ନ ଧର୍ମାନୁଷ୍ଠାନ ସହ ମଧ୍ୟ ଜଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ପଦ୍ମଚରଣ କାଠୁଆ, ଲୋଚନ କାଠୁଆ ଏବଂ ପୁତ୍ରବଧୂ ଝିଅ, ଜ୍ୱାଇଁ, ନାତିନାତୁଣୀ ପରିବାର, ବନ୍ଧୁବର୍ଗ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ଜ୍ୟୋଷ୍ଠପୁତ୍ର ପଦ୍ମଚରଣ କାଠୁଆ ମୁଖାଗ୍ନି ଦେଇଥିଲେ।

# ବିପୁଳ ଦେଶୀ ମଦ ଜବତ

ଆଠଗଡ଼, ୧୯।୨(ସମିସ): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ଼ ଉପ ଅଧୀକ୍ଷକ ଏ ତିରୁପତିଙ୍କ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ସରସ୍ୱତୀପୁର ଗ୍ରାମ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ ଏବଂ ବାଙ୍କୀ ଅବକାରୀ ଥାନା, ସଦର ଅବକାରୀ ରେଞ୍ଜ, ଖୁଣ୍ଟୁଣୀ ଥାନାର ଏକ ମିଳିତ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ବିଭିନ୍ନ ସ୍ଥାନରେ ରଖାଯାଇଥିବା ୫୯୫ ଲିଟର ଦେଶୀ ମଦ ୫୩୫୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଏହି ମଦ ଜବତ ଘଟଣାରେ ୨ଟି ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

# ହତ୍ୟା ଘଟଣାରେ ଫେରାର ଅଭିଯୁକ୍ତ ଗିରଫ

ଚୌଦ୍ୱାର, ୧୯।୨(ସମିସ): ଗତ ୨୦୧୯ ମସିହାରେ ହୋଇଥିବା ଏକ ହତ୍ୟା ମାମଲାରେ ଚୌଦ୍ୱାର ପୁଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲା ଢେଙ୍କାନାଳ ସଦର ଥାନା କଦମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ। ପୁଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କର ଆଉ ୩ ଜଣ ସହଯୋଗୀ ଢେଙ୍କାନାଳର ଜଣେ ବ୍ୟବସାୟୀ ଲାଲା ଲଳିତ କୁମାର ସିଂଙ୍କୁ ନୂଆପାଟଣା ମଧୁସେତୁ ଉପରେ ଗୁଳିକରି ହତ୍ୟା କରିଥିଲା। ଏହି ଘଟଣାରେ ପୁଲିସ ୩୪୩/୧୯ ରେ ଏକ ମାମଲା ରୁଜୁ କରିବା ସହିତ ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ଘଟଣାର ତଦନ୍ତ ଜାରି ରଖିଥିଲେ। ପୂର୍ଣ୍ଣଚନ୍ଦ୍ରକୁ ମଙ୍ଗଳବାର ଦିନ ଆଠଗଡ଼ ଡିଗିରିଆ ଅଞ୍ଚଳରୁ ଗିରଫ କରାଯାଇଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ମାମଲା ପୂର୍ବରୁ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲେ।

# ଭାଇଚାରାକୁ ଅତୁଟ ରଖେ ମହୋତ୍ସବ

ନିଆଳି, ୧୯।୨(ସମିସ)

ନିଆଳି ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଶୋଭନେଶ୍ୱରଙ୍କ ମାଘ ସପ୍ତମୀ ଯାତ୍ରା ଉପଲକ୍ଷେ ପ୍ରାଚୀ ନଦୀ ତଟସ୍ଥ ମାଘ ସପ୍ତମୀ ପଡ଼ିଆରେ ଚାଲିଥିବା ନିଆଳି ମହୋତ୍ସବ ୨୦୨୫ ମଙ୍ଗଳବାର ରାତ୍ରିରେ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ନିଆଳି ପ୍ରେସ୍ କ୍ଲବ ଦ୍ୱାରା ଆୟୋଜିତ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ବହୁ ବିଶିଷ୍ଟ ଅତିଥି ଯୋଗଦେଇ ମହୋତ୍ସବ ଭାଇଚାରା ସମ୍ପର୍କ ଅତୁଟ ରଖେ ବୋଲି କହିଥିଲେ। ସେହିପରି ଚଳିତ ମହୋତ୍ସବକୁ ନିଆଳି ପ୍ରେସ୍ କ୍ଲବ ଆୟୋଜନ କରିବା ସହ ଏଥିରେ ସମସ୍ତ ରାଜନୈତିକ ଦଳର ନେତୃମଣ୍ଡଳୀ, ସମାଜସେବୀ ଓ

**● ନିଆଳି ମହୋତ୍ସବ-୨୦୨୫ ଉଦ୍‌ଯାପିତ**

**● ସ୍ମରଣିକା 'ପ୍ରାଚୀ ପ୍ରଗତୀ' ଉନ୍ମୋଚିତ**





ବୁଦ୍ଧିଜୀବୀଙ୍କୁ ସାମିଲ୍ କରିଥିବାରୁ ଅତିଥିମାନେ ନିଆଳି ପ୍ରେସ୍ କ୍ଲବକୁ ଧନ୍ୟବାଦ ଦେଇଥିଲେ। ମହୋତ୍ସବ କମିଟିର ସଭାପତି ତଥା ରାଜ୍ୟ ବିଜେପିର ମୁଖପାତ୍ର ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ପୂର୍ବତନ ଅର୍ଥରାଷ୍ଟ୍ରମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ସମ୍ମାନିତ ଅତିଥି ଭାବେ ଡିନ୍ ଷ୍ଟୁଡେଣ୍ଟ ୱେଲ୍‌ଫାୟର ସୋଆର ପ୍ରଫେସର ଡ. ଜ୍ୟୋତିରଞ୍ଜନ ଦାସ, ଦୈନିକ ଓଡିଆ ଖବର କାଗଜ 'ସକାଳ'ର ପ୍ରକାଶକ ଅମିତ୍ ମଲ୍ଲିକ, ମହୋତ୍ସବ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡା.ପ୍ରମୋଦ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା କବିତା କୁମାରୀ ରାଉତ ଓ ସୌଦାମିନୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟିର ଉପସଭାପତି ଅକ୍ଷୟ ସେନାପତି ଚଳିତ ମହୋତ୍ସବ ସଂକ୍ରାନ୍ତରେ ସମ୍ୟକ୍ ଧାରଣା ଦେଇଥିବା ବେଳେ ସଂଯୋଜକ ମନୋରଞ୍ଜନ ଶତପଥୀ ଉପସ୍ଥିତ ଥିଲେ। ଏହି ଅବସରରେ ମହୋତ୍ସବର ସ୍ମରଣିକା 'ପ୍ରାଚୀ ପ୍ରଗତୀ'ର ଶୁଭ ଉନ୍ମୋଚନ କରାଯାଇଥିବା ବେଳେ ମୁଖ୍ୟ ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟାପକ ଶରତଚନ୍ଦ୍ର ବାରିକ ଓ ସହସମ୍ପାଦକ ଭାବେ ନାଟ୍ୟକାର ସ୍ମୃତିରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଉତ୍ସବରେ ଆଞ୍ଚଳିକ କଳା ପ୍ରତିଷ୍ଠା ମହାବୀର ଏକାଡେମୀ, ସ୍କାଏ ଡ୍ୟାନ୍ ଗ୍ରୁପ୍ ଓ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆଦିତ୍ୟ ଡ୍ୟାନ୍ସ ଗ୍ରୁପ ସମ୍ବଲପୁର ନୃତ୍ୟ ସହ ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ସାଥୀମାନଙ୍କ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ୫ ଦିନ ଧରି ଏହି ମହୋତ୍ସବରେ ପ୍ରତ୍ୟେହ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଥିବାରୁ ନିଆଳି ଏସ୍‌ଡିପିଓ କିରଣ୍ ହେମ୍ବ୍ରମ୍ ଓ ନିଆଳି ଥାନା ଅଧିକାରୀ ବିଜୟକୁମାର ମଲ୍ଲିକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ନିଆଳି ପ୍ରେସ୍ କ୍ଲବର ମୁଖ୍ୟ ଉପଦେଷ୍ଟା ସୁବାସଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ ବ୍ଲକ ଅଧକ୍ଷ ଉମେଶଚନ୍ଦ୍ର ବେହେରା, କୋଷାଧକ୍ଷ ମଧୁସ୍ମିତା ସାହୁ, ସାମ୍ବାଦିକ ଡ. କେଦାରନାଥ ସାହୁ, ପ୍ରତାପ ମଲ୍ଲିକ, ଶରତ ସାହୁ, କାମଦେବ ଭୋଇ, କବିପ୍ରସାଦ ମହାନ୍ତି, ଅଶୋକ ଷଡଙ୍ଗୀ, ଅଞ୍ଜୁସା ଦାସ, ବିନୟ ମହାପାତ୍ର, ଜ୍ୟୋତିରଞ୍ଜନ ମହାପାତ୍ର ସହଯୋଗ କରିଥିଲେ।

# ଅଶୋକ ସାହୁ ଆତ୍ମା ସଭାପତି ଭାବେ ନିର୍ବାଚିତ

ନିଶ୍ଚିନ୍ତକୋଇଲି, ୧୯।୨(ସମିସ): କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା ଦ୍ୱାରା ଗଠିତ ଆତ୍ମା ସଂଗଠନର ନିଶ୍ଚିନ୍ତକୋଇଲି ବ୍ଲକ ସଭାପତି ଭାବେ ପୂର୍ବତନ ସମିତିସଭ୍ୟ ଅଶୋକ କୁମାର ସାହୁଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ଏହି ସଂଗଠନରେ ମୋଟ ୨୫ଜଣ ସଭ୍ୟ ସଭ୍ୟା ରହିଥିବା ବେଳେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୭ଟି ପଞ୍ଚାୟତରୁ ୧୫ଜଣ ଓ କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୪ଟି ପଞ୍ଚାୟତରୁ ୧୦ଜଣ ସଭ୍ୟସଭ୍ୟାଙ୍କୁ ମନୋନୀତ କରାଯାଇଛି। ଏହି ସଂଗଠନର ୧୦ଜଣ ମହିଳା ସଭ୍ୟଙ୍କୁ ନିଆଯାଇଛି। ଆତ୍ମାର ବ୍ଲକ ବୈଷୟିକ ପରିଚାଳକ ଅରବିନ୍ଦ ସାହୁଙ୍କ ପୌରୋହିତ୍ୟରେ ଉକ୍ତ ସଂଗଠନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବ୍ଲକ ସହକାରୀ କୃଷି ଅଧିକାରୀ ସତ୍ୟବ୍ରତ ସର୍ଦ୍ଦାର ସିଂ, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ସ୍ୱାଗତିକା ସାହୁ, ମତ୍ସ୍ୟ ଅଧିକାରୀ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ କୃଷିର ବିକାଶ କ୍ଷେତ୍ରରେ ଆତ୍ମା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା କିଭଳି ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ ହେବ ସେ ସଂକ୍ରାନ୍ତରେ ଉପସ୍ଥିତ ସଭ୍ୟସଭ୍ୟାମାନଙ୍କୁ ସଚେତନ କରାଇଥିଲେ। ବିଶେଷ କରି କୃଷକ ଓଡ଼ିଶା ପୋର୍ଟାଲରେ ଚାଷୀ ପଞ୍ଜିକୃତ କରାଯିବା, ଶତକଡ଼ା ୫୦ଭାଗ ରିଆତିରେ ବିଭିନ୍ନ କୃଷି ଉପକରଣ ଓ ବୋରିଂ ଆଦି ଖୋଳିବା ପାଇଁ ପଞ୍ଜିକୃତ ଚାଷୀମାନେ ଅନଲାଇନ ମାଧ୍ୟମରେ ଆବେଦନ କରିବା, ବର୍ଷକୁ ହେଉଥିବା ୨ଥର ଡିଜିଟାଲ ସର୍ଭେରେ ଚାଷ କ୍ଷେତକୁ ଅନ୍ତର୍ଭୁକ୍ତ କରାଇବା ଏବଂ ପିଏମ୍ କିଶାନ ଯୋଜନାରେ ଚାଷୀମାନେ କିଭଳି ଉପକୃତ ହୋଇପାରିବେ ସେ ସଂକ୍ରାନ୍ତରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଏହାଛଡ଼ା ମାଛ ଚାଷ ପାଇଁ ବିଭିନ୍ନ ସରକାରୀ ଯୋଜନା ସଂକ୍ରାନ୍ତରେ ଆଲୋଚନା କରାଯାଇଥିବା ବେଳେ ପନିପରିବା ଓ ଫଳଚାଷ ଆଦି କ୍ଷେତ୍ରରେ ସରକାରଙ୍କ ଉଦ୍ୟାନ ବିଭାଗ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏଟିଏମ୍ ନରୋତ୍ତମ ଦାସ, ଗ୍ରାମ୍ୟ କୃଷି କର୍ମଚାରୀ ସ୍ମୃତିରଞ୍ଜନ ନାୟକ, ରଶ୍ମିରଞ୍ଜନ ବରିହା, ସୁଧାଂଶୁ ବେହେରା, ସୁଶାନ୍ତକୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



# ଆଠଗଡ଼ ବ୍ଲକରେ ଅଚଳାବସ୍ଥା; ବଢ଼ୁଛି ଜନଅସନ୍ତୋଷ




ଆଠଗଡ଼, ୧୯।୨(ସମିସ): ଆଠଗଡ଼ ବ୍ଲକର ସମସ୍ତ କର୍ମଚାରୀ ଗତ ୧୩ ତାରିଖ ଠାରୁ କଲମ ଛାଡ଼ ଆନ୍ଦୋଳନ କରିଥିବାରୁ ବ୍ଲକ ଅଫିସ୍ କାର୍ଯ୍ୟ ଓ ସମସ୍ତ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ଗତ ୧୩ ତାରିଖରେ ଖୁଣ୍ଟୁଣୀ ପିଇଓଙ୍କୁ ଆକ୍ରମଣ ଘଟଣା ନେଇ ୩୪ ପଞ୍ଚାୟତର ପିଇଓ ଓ ବ୍ଲକର ସମସ୍ତ କର୍ମଚାରୀ କଲମଛାଡ଼ ଆନ୍ଦୋଳନ ସହ କୌଣସି କାର୍ଯ୍ୟ କରୁ ନ ଥିବା ସହ କୌଣସି ତଥ୍ୟ ପ୍ରଦାନ କରୁନାହାନ୍ତି। ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ପକ୍ଷରୁ କର୍ମଚାରୀଙ୍କ ସହ ଆଲୋଚନା କରାଯାଇ ଏ ଘଟଣାର ଆପୋଷ ସମାଧାନ ହୋଇଥିବା ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ଆସିପାରିନି। ଗତ ୨/୩ ଦିନ ତଳେ ବ୍ଲକର ସହକାରୀ ଯନ୍ତ୍ରୀ ଅନ୍ୟତ୍ର ବଦଳି ହୋଇଯାଇଛି। ନୂତନ ସହକାରୀ ଯନ୍ତ୍ରୀ କାର୍ଯ୍ୟରେ ଯୋଗ ଦେଇଥିଲେ ହେଁ ଆନ୍ଦୋଳନ ହେତୁ ଦାୟିତ୍ୱ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀ ଜାଣିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ବ୍ଲକର ସମସ୍ତ କାର୍ଯ୍ୟ ତଥା ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି।

# ବଢ଼ୁଛି ଚୋରି; କୁମ୍ଭକର୍ଣ୍ଣ ନିଦ୍ରାରେ ଚୌଦ୍ୱାର ପୁଲିସ

ଚୌଦ୍ୱାର, ୧୯।୨(ସମିସ)




କଟକ କମିଶନରେଟ ପୁଲିସ ଅଧୀନରେ ଥିବା ଚୌଦ୍ୱାର ଥାନା ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲିଛି ଅପରାଧିକ କାର୍ଯ୍ୟ। କେଉଁଠି ବଜାରରୁ ଦୋକାନ ଆଜବେଷ୍ଟସ ତାଡ଼ି ଚୋରି ହୋଇଯାଉଛି ତ ଆଉ କେଉଁଠି ମନ୍ଦିର ଆଦି ଧର୍ମାନୁଷ୍ଠାନରୁ ଘନ ଘନ ଚୋରି। ପୁଣି ରାସ୍ତାକଡ଼ରୁ ବାଇକ ଚୋରି। ତେବେ ଚୌଦ୍ୱାର ଅଞ୍ଚଳରେ ବାରମ୍ବାର ଏଭଳି ଅପରାଧିକ କାର୍ଯ୍ୟ ବଢ଼ୁଥିବାବେଳେ ଚୌଦ୍ୱାର ଥାନା ପୁଲିସର ଅପାରଗତା ପଦାକୁ ଆସିଛି। ବିଶେଷ କରି କମିଶନରେଟ ଥାନାଗୁଡ଼ିକରେ ସମ୍ପୂର୍ଣ୍ଣ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ତଥା ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଜଣେ ଆରକ୍ଷୀ ନୀରିକ୍ଷକ ଏବଂ ଜଣେ ଅତିରିକ୍ତ ଆରକ୍ଷୀ ନୀରିକ୍ଷକ ନିଯୁକ୍ତି ପାଇଛନ୍ତି। ଦୁଇଜଣ ଦକ୍ଷ ଅଧିକାରୀ ନିୟୋଜିତ ଥାଇ ମଧ୍ୟ ଲୋକେ ଉପଯୁକ୍ତ ପୁଲିସ ସେବା ପାଇବାରୁ ବଞ୍ଚିତ ହେଉଥିବା ଦୁର୍ଭାଗ୍ୟର ବିଷୟ ବୋଲି ଅଭିଯୋଗ ହେଉଛି। ଫଳରେ ଉଭୟ ଦକ୍ଷ ଅଧିକାରୀଙ୍କ ପାରିବାପଣିଆ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚୌଦ୍ୱାର ଥାନା ଅଞ୍ଚଳରେ। ସରକାରଙ୍କ ଗୃହ ବିଭାଗ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇଦେବା ନିମନ୍ତେ ଥାନା ପ୍ରତିଷ୍ଠା ସହ ବହୁ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ଏହା ଜନସାଧାରଣଙ୍କୁ କିଭଳି ସେବା ଯୋଗାଉଛି ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚୌଦ୍ୱାର ଅଞ୍ଚଳରେ ଗତ କିଛି ଦିନ ଧରି ଚୋରି, ଡକାୟତି ବଢ଼ି ଚାଲିଥିବାବେଳେ କଳା ବ୍ୟବସାୟୀଙ୍କ ଦୌରାତ୍ମ୍ୟ ମଧ୍ୟ ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି। ଏଥି ପାଇଁ ଖୋଦ ଥାନାର କିଛି ଅଧିକାରୀ ଓ କର୍ମଚାରୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

ଗତ ଜାନୁଆରୀ ୧୩ ତାରିଖରେ ଚୌଦ୍ୱାର ଓଟିଏମ ବଜାରରେ ବିଳମ୍ବିତ ରାତିରେ ୩ଟି ଦୋକାନର ଆଜବେଷ୍ଟ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଘଟଣାର କୌଣସି ସୁରାକ ମିଳି ନ ଥିବା ବେଳେ ଫେବୃଆରୀ ୨ ତାରିଖରେ କଳିଙ୍ଗ ଛକ ପିଏଚଡି କାର୍ଯ୍ୟାଳୟ ସମ୍ମୁଖରୁ ବାଇକ ଚୋରି, ମାତ୍ର ୮ ଦିନ ତଳେ ମା' ଧୂମାବତୀଙ୍କ ମନ୍ଦିରରୁ ଚୋରି ଯାଇଥିବାବେଳେ ଗତକାଲି ବିଳମ୍ବିତ ରାତିରେ ମନ୍ଦିରରୁ ପୁନର୍ବାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ତେବେ ବାରମ୍ବାର ଚୋରି ହେବା ଦ୍ୱାରା ଚୌଦ୍ୱାର ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଚୌଦ୍ୱାର ଥାନା ଉପରେ ଜନସାଧାରଣଙ୍କ ଭରସା ତୁଟୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ୧୯୭୮ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଥାନାରେ ଜଣେ ଓଆଇସି, ୪ଜଣ କନେଷ୍ଟବଳ ଓ ଜଣେ ହାବିଲଦାରଙ୍କୁ ନେଇ ଆରମ୍ଭ ହୋଇଥିବାବେଳେ ଏବେ ଏହାର ଷ୍ଟାଫ ସଂଖ୍ୟା ପ୍ରାୟ ୭୧ରେ ପହଞ୍ଚିଛି। ଜଣେ ଆଇଆଇସି, ଜଣେ ଅତିରିକ୍ତ ଆଇଆଇସି ୭ ଜଣ ସବ ଇନ୍ସପେକ୍ଟର, ୬ ଜଣ ଏଏସଆଇ, ଜଣେ ହାବିଲଦାର, ୨୦ଜଣ କନେଷ୍ଟବଳ, ୧୫ ଜଣ ଓପିଏଫ ଏବଂ ୨୦ଜଣ ହୋମଗାର୍ଡ଼ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ଏହି ଥାନା ଅଧୀନରେ ମୁଣ୍ଡମାଳ ଅଞ୍ଚଳରେ ଓଟିଏମ ଫାଣ୍ଡି ଓ ଟିପିଏମ ଫାଣ୍ଡି ଥିବାବେଳେ ଏବେ ଓଟିଏମ ଫାଣ୍ଡି ବନ୍ଦ ହୋଇଯାଇଛି। ତେବେ ଦେଖିବାକୁ ଗଲେ ଚୌଦ୍ୱାର ଥାନା ଅଞ୍ଚଳରେ ପ୍ରାୟ ୧.୫ ଲକ୍ଷ ଜନସାଧାରଣ ବସବାସ କରୁଥିବାବେଳେ ୭୧ଜଣ ପୁଲିସ କର୍ମଚାରୀ ଓ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ଅଛନ୍ତି। ମାତ୍ର ଚୌଦ୍ୱାର ଅଞ୍ଚଳରେ କମିଶନରେଟ ପୁଲିସ ପକ୍ଷରୁ ଘନଘନ ପଇଁତରା ବ୍ୟବସ୍ଥା ଥିଲେ ମଧ୍ୟ ବାରମ୍ବାର ଚୋରି, ଡକାୟତି, ପଥର, ମୋରମ ଆଦି ଲଘୁ ଖଣିଜର ଚୋରା ଚାଲଣ ଅବାଧରେ ଚାଲିଥିବାବେଳେ ପୁଲିସ ବିଭାଗର ନିଷ୍କ୍ରିୟତା ଦେଖିବାକୁ ମିଳିଛି।

## ଦୁର୍ଘଟଣାରେ ଜଣେ ମୃତ

ଆଠଗଡ଼, ୧୯।୨(ସମିସ): ଆଠଗଡ଼ ସହର ଉପକଣ୍ଠ ବୀରକିଶୋରପୁର ମଙ୍ଗଳା ମନ୍ଦିର ସନ୍ନିକଟ ୬୫ନଂ ରାଜ୍ୟ ରାଜପଥରେ ଏକ ସ୍କୁଟି ଉପରେ ଟ୍ରକ ଚଢ଼ିଯିବାରୁ ସ୍କୁଟି ଚାଳକ ରାଧପତିପୁରର ପୂର୍ଣ୍ଣଚନ୍ଦ୍ର ଜେନା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୁଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।

## ପ୍ରାଥମିକ ବୃତ୍ତି ପରୀକ୍ଷାରେ ସଫଳତା

ବଡ଼ମ୍ବା, ୧୯।୨(ସମିସ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀ ଚଳିତ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ପ୍ରାଥମିକ ବୃତ୍ତି ପରୀକ୍ଷାରେ ସଫଳତା ପାଇଛନ୍ତି। ଉକ୍ତ ବିଦ୍ୟାଳୟର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛାତ୍ରୀ ସୋନାଲି ଖଟୁଆ ଓ ରାଜଲକ୍ଷ୍ମୀ ନାୟକ କୃତକାର୍ଯ୍ୟ ହେଇଥିଲା ବେଳେ ଉକ୍ତ ବିଦ୍ୟାଳୟର ୩ୟ ଶ୍ରେଣୀ ଛାତ୍ରୀ ସାଇସ୍ମିତା କର ଓ ଶୁଭଲକ୍ଷ୍ମୀ ନାୟକ ପ୍ରାଥମିକ ବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି। ପୁନଶ୍ଚ ଛାତ୍ରୀ ସୋନାଲି ଖଟୁଆ ଚଳିତ ବର୍ଷ ନବୋଦୟ ୫ମ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେଠାରେ ଅଧ୍ୟୟନରତ ରହିଛନ୍ତି। ଉକ୍ତ ବିଦ୍ୟାଳୟର ପାଞ୍ଚଜଣ ଛାତ୍ରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୫ମ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ ମନୋନୀତ ହୋଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଗୌରବର ବିଷୟ ସୋନାଲି ଖଟୁଆ ୩ଟି ଯାକ ବିଭାଗରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତ ସଭାପତି, ସମ୍ପାଦକ, କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭେନ୍ଦୁ ରାଉତ ଏବଂ ସମସ୍ତ ଗୁରୁଜୀ ଗୁରୁମାଙ୍କୁ ଏହି ସଫଳତା ପାଇଁ ଶ୍ରେୟ ଦେଇଛନ୍ତି।

## ସଖାଶ୍ରୟରେ ଶ୍ରଦ୍ଧାଞ୍ଜଳି ସଭା



କଟକ, ୧୯।୨(ସମିସ): କଟକ ସଦର ଅନ୍ତର୍ଗତ ନୂଆଗଡ଼ ଗ୍ରାମ ସ୍ଥିତ ସଖାଶ୍ରୟ ଜରାନିବାସରେ ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ମିନତୀ ପ୍ରିୟଦର୍ଶିନୀଙ୍କର ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେ ଦୀର୍ଘବର୍ଷ ଧରି ଅନୁଷ୍ଠାନର ଅନ୍ତେବାସୀ ଓ ଆଖପାଖ ଗ୍ରାମର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେଇ ଆସୁଥିଲେ। ଅନୁଷ୍ଠାନର ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡା. ଅତୁଲ କୁମାର ମହାନ୍ତି, ଡ. ସତ୍ୟ ରାୟ, ସମ୍ପାଦିକା କବିତା ମହାପାତ୍ର, ଡା. ରେଣୁକା ଜେନା, କୈଳାସ ଚନ୍ଦ୍ର ମାହାଲି, ଶିଳା କାନୁନଗୋ, ଚିତ୍ତ ରଞ୍ଜନ ମହାନ୍ତି, ଗାୟତ୍ରୀ ଚୌଧୁରୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## କଟକ ରିଟେଲ ଡିଲର୍ସ ଆସୋସିଏସନ୍‌ର ବାର୍ଷିକ ଉତ୍ସବ




କଟକ, ୧୯।୨(ସମିସ): ଆଜି କଟକ ରିଟେଲ ଡିଲର୍ସ ଆସୋସିଏସନ୍‌ର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ମହାନଦୀ ବିହାର ସ୍ଥିତ ରିଦ୍ଧିସିଦ୍ଧି ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କଟକ ମହାନଗର ନିଗମ ଅଞ୍ଚଳର କାର୍ଯ୍ୟରତ ଖୁଚୁରା ବିକ୍ରେତାଙ୍କ ରହିଥିବା ବିଭିନ୍ନ ସମସ୍ୟା ସମାଧାନ କରିବା ଦିଗରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଘୋଷଣା କରିଥିଲେ। ଖୁବଶୀଘ୍ର ଖୁଚୁରା ବିକ୍ରେତାଙ୍କ ସମସ୍ୟା ନେଇ ଯୋଗାଣ ବିଭାଗ ସଚିବଙ୍କ ସହ ଆଲୋଚନା କରାଯିବ ବୋଲି କହିଥିଲେ। ଏହି ଅବସରରେ କଟକ ରିଟେଲ ଡିଲର୍ସ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ସୈୟଦ୍ ଏକ୍ରାମ ହୁସେନ ତାଙ୍କ ଅଭିଭାଷଣରେ କହିଥିଲେ ଯେ, କଟକ ମହାନଗର ଅଞ୍ଚଳର ପଡ଼ିକାର୍ଡ ଧାରୀଙ୍କୁ ଖୁଚୁରା ବିକ୍ରେତାମାନେ ସେବା ଯୋଗାଇ ଆସିଛନ୍ତି। ଗୋଟେ ସମୟରେ କଟକ ମହାନଗର ଅଞ୍ଚଳରେ ୪୯୬ ଜଣ ଖୁଚୁରା ବିକ୍ରେତା ରହିଥିଲେ। ସରକାରଙ୍କ ଯୋଜନା ପରିବର୍ତ୍ତନ ଫଳରେ ଆଜି ମାତ୍ର ୧୪୯ ଜଣ କାର୍ଯ୍ୟରତ ରହିଛନ୍ତି। ହେଲେ ଆଜି କାର୍ଯ୍ୟରତ ଖୁଚୁରା ବିକ୍ରେତାମାନେ ସମସ୍ୟାରେ ଜର୍ଜରିତ ହୋଇ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ନିରବଚ୍ଛିନ୍ନ ଭାବେ ସାମଗ୍ରୀ ବଣ୍ଟନ କରୁଥିଲେ ମଧ୍ୟ ନିୟମିତ ଭାବେ ପାରିଶ୍ରମିକ ପାଉନାହାଁନ୍ତି। ସାମଗ୍ରୀ ପହଞ୍ଚାଣ କରୁଥିବା ପରିବହନ ଠିକାଦାର ବିଭିନ୍ନ ଉପାୟରେ ଶୋଷଣ କରୁଛନ୍ତି। ଏହି ସମୟରେ ଖୁଚୁରା ବିକ୍ରେତାଙ୍କ ୭ ଦଫା ଦାବି ପ୍ରତି ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ କଟକ ରିଟେଲ ଡିଲର୍ସ ଆସୋସିଏସନ୍‌ର ସଭାପତି ତଥା କଟକ ମହାନଗର ନିଗମର ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ ସଭାପତିତ୍ୱ କରିଥିବା ବେଳେ ଆସୋସିଏସନ୍‌ର ଉପସଭାପତି ତାପସ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆସୋସିଏସନର ଅନ୍ୟତମ ଉପସଭାପତି ପିତବାସ ଜେଠୀ ଧନ୍ୟବାଦ୍ ଦେଇଥିଲେ। ଆସୋସିଏସନ୍‌ର କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ସାହୁ, ବିଜୟ ସାହୁ, ବିନୟ ବୈଶାଖ, ଚନ୍ଦ୍ରମଣି ମହାରଣା, ପ୍ରେମ୍ କୁମାର ସେନ, ଶାରଦା ପ୍ରସନ୍ନ ମହାନ୍ତି, ବିମଳ ସାହୁ, ଶିବ ସେଠୀ, ପ୍ରଶାନ୍ତ ମୁଦୁଲି, ରାକେଶ ସ୍ୱାଇଁ, ନଗେନ ସାହୁ, ଦେବେନ୍ଦ୍ର ପାତ୍ର, ଦିଲ୍ଲୀପ ସ୍ୱାଇଁ, ଫିରୋଜ ଖାଁ, ପ୍ରଶାନ୍ତ ଜେନାଙ୍କ ସମେତ ଶତାଧିକ ଖୁଚୁରା ବିକ୍ରେତା ମାନେ ଯୋଗଦେଇଥିଲେ। ଏହି ଅବସରରେ ପଡ଼ିକାର୍ଡ ଧାରୀଙ୍କୁ ଉନ୍ନତମାନର ସେବା ଯୋଗାଇଥିବା କଟକ ମହାନଗର ଅଞ୍ଚଳର ୧୧ ଜଣ ଖୁଚୁରା ବିକ୍ରେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡ. ଦେବୀଲାଲ୍ ମିଶ୍ରଙ୍କ ପୁସ୍ତକ ଉନ୍ମୋଚିତ



କଟକ, ୧୯।୨(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଅଧ୍ୟାପକ ଡ. ଦେବୀଲାଲ ମିଶ୍ରଙ୍କ ଦ୍ୱାରା ରଚିତ ନୂତନ ପୁସ୍ତକ 'ରେସିପ୍ରୋକାଲ୍ ଇଫେକ୍ଟସ୍ ଅଫ୍ ମିଡ଼ିଆ ଏଣ୍ଡ ସୋସାଇଟି: ନିଉ ଥିଓରିଟିକାଲ୍ ଥଟ୍ସ୍'କୁ ରାଜଭବନ ପରିସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କୁ ପ୍ରଦାନ କରାଯିବା ସହ ଏହାର ଉନ୍ମୋଚନ କରାଯାଇଛି। ଏହି ଅବସରରେ ଲେଖକ୍ ଡ. ମିଶ୍ରଙ୍କ ସହିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଲଣ୍ଡନ ଆନ୍ତର୍ଜାତିକ ପ୍ରକାଶନ ସଂସ୍ଥା ଏଚ୍‌ପି ହାମିଲଟନ ପୁସ୍ତକଟିକୁ ପ୍ରକାଶିତ କରିଛି।

## ସଂଗ୍ରାମୀ ବିବୁଧେନ୍ଦ୍ର ଥିଲେ ଲୋକଙ୍କ ଦରଦୀ ବନ୍ଧୁ

କଟକ, ୧୯।୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଡ.ବିବୁଧେନ୍ଦ୍ର ମିଶ୍ର ଥିଲେ ଲୋକଙ୍କ ଜଣେ ଦରଦୀ ବନ୍ଧୁ। ତାଙ୍କର ତ୍ୟାଗ ଓ ନିସ୍ୱାର୍ଥପର ସେବା ଅବିସ୍ମରଣୀୟ। ସ୍ୱର୍ଗତ ମିଶ୍ରଙ୍କ କାର୍ଯ୍ୟଧାରା ସମାଜରେ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି କହିଛନ୍ତି

**● ୧୩ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଶ୍ରଦ୍ଧାଞ୍ଜଳି**




ଓଡ଼ିଶା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା। ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ଡ.ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ସିହ୍ନା ଏହା କହିଛନ୍ତି। ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଏଜି ପୀତାମ୍ବର ଆଚାର୍ଯ୍ୟ, ହାଇକୋର୍ଟ ବାର ଆସୋସିଏସନର ସଭାପତି ବିଜୟ କୁମାର ଦାଶ ଉଦବୋଧନ ଦେଇ ସ୍ୱର୍ଗତ ବିବୁଧେନ୍ଦ୍ରଙ୍କୁ ପ୍ରଚଣ୍ଡ ସ୍ୱାଭିମାନୀ ଓ ନିର୍ଭିକ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଟ୍ରଷ୍ଟର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ। ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ଓ ହାଇକୋର୍ଟ ବାର ପକ୍ଷରୁ ବାର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସ୍ମୃତି ସଭାରେ ଧନ୍ୟବାଦ ଦେଇଥିଲେ ହାଇକୋର୍ଟ ବାର ସମ୍ପାଦକ ରଞ୍ଜନ କୁମାର ନାୟକ। ଏହି ଅବସରରେ ଅତିଥିଙ୍କୁ ସ୍ୱର୍ଗତ ବିବୁଧେନ୍ଦ୍ରଙ୍କ ପୁତ୍ର ମାନବେନ୍ଦ୍ର ମିଶ୍ରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୬ଜଣ ଅନ୍ତେବାସୀ ରାମାଇ ଟୁଡ଼ୁ, ପୂର୍ଣ୍ଣଚନ୍ଦ୍ର ସୋରେନ, ମନୋଜ ଟୁଡ଼ୁ, କୁନାଲ ଚତର, ସୁରଜ ବିରୁଆ ଓ ଚନ୍ଦ୍ର ହେମ୍ବ୍ରମଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଆଇନଜୀବୀ ଉପସ୍ଥିତ ଥିଲେ।

## କଂଗ୍ରେସ କର୍ମୀଙ୍କ ବିୟୋଗରେ ସ୍ମୃତିସଭା



କଟକ, ୧୯।୨(ସମିସ): କଟକ ସଦର ଅନ୍ତର୍ଗତ ବାରଦା ଗ୍ରାମପଞ୍ଚାୟତର ପୁରୁଖା କଂଗ୍ରେସ କର୍ମୀ ଦେବେନ୍ଦ୍ର ଦାସ (ବୁନୁ ଭାଇ)ଙ୍କ ବିୟୋଗରେ ଏକ ସ୍ମୃତି ସଭା ବ୍ୟଙ୍ଗକବି ପ୍ରତାପଚନ୍ଦ୍ର ବେହେରାଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ସୀତାକାନ୍ତ ପଣ୍ଡା, ବସନ୍ତ ଜେନା, ସୁକାନ୍ତ ଚନ୍ଦ୍ର ଜେନା, ହେମନ୍ତ ଜେନା, ଉମେଶ ନନ୍ଦ, ଦୁର୍ଯ୍ୟୋଧନ ନାୟକ, ରବିନାରାୟଣ ମହାରଣା, ତ୍ରିଲୋଚନ ଭୋଇ, ମଣ୍ଟୁ ମଣ୍ଡଳ ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ। ସେ ନିଜର ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରାଇବା ସହ ନିଜ ଝିଅ ଲିପିକା ଦାସଙ୍କୁ ନୌଚାଳନାରେ ତାଲିମ ଦେଇ ରାଜ୍ୟ ପାଇଁ ସ୍ୱର୍ଣ୍ଣପଦକ ବିଜୟିନୀ ହେବାର ଗୌରବ ଆଣିପାରିଥିଲେ। ତାଙ୍କର ବିନୟୀ ବ୍ୟବହାର ପାଇଁ ତାଙ୍କର ପତ୍ନୀ ଦୁଇଥର ୱାର୍ଡ୍ ସଭ୍ୟା ଭାବରେ ନିର୍ବାଚିତ ହୋଇଥିଲେ। ତାଙ୍କର ବିୟୋଗ କଂଗ୍ରେସ ସଂଗଠନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା।

# ଆବର୍ଜନାରେ ଲୁଚିଗଲାଣି ଯୋଗାଣ ନିଗମ ଗୋଦାମ ଗୃହ

ଟାଙ୍ଗୀ, ୧୯।୨(ସମିସ)



**● ୧୫ ବର୍ଷ ଧରି ବନ୍ଦ**
**● ଶୌଚାଳୟ ଭାବରେ ବ୍ୟବହାର କରୁଛନ୍ତି ସ୍ଥାନୀୟ ଲୋକ**

ପ୍ରବେଶ ପଥରେ କୁଢ଼ କୁଢ଼ ଆବର୍ଜନା। ଆବର୍ଜନା ଅତିକ୍ରମ କରି ଭିତରକୁ ପ୍ରବେଶ କଲେ ଦେଖିବାକୁ ମିଳେ ବନ୍ଦ ପଡ଼ିଥିବା ରାଜ୍ୟ ଯୋଗାଣ ନିଗମ ଗୋଦାମ ଗୃହ। ଲତାଗୁଳ୍ମ ଘେରିଥିବାରୁ ଉକ୍ତ ଗୃହର ବାରଣ୍ଡାକୁ ଯିବା ଅସମ୍ଭବ। ସେହିପରି ଅଫିସ ଭାବେ ବ୍ୟବହୃତ ଅନ୍ୟ ଏକ ଗୃହର ଝରକା ଓ କବାଟ ନ ଥିବାବେଳେ ବସିଥିବା ନଳକୂପର ଉପରଭାଗ ଖୋଲାଯାଇ ପଥର ରଖାଯାଇଛି। ସେହିପରି ଗୋଦାମ ପରିସରରେ ମଲା କୁକୁର ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଗୋଦାମ ପରିସରକୁ ପାଇଖାନା ଭାବେ ବ୍ୟବହାର କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରାୟ ୨ କୋଟି ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ ହେବା ଘଟଣା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀରେ ଚର୍ଚ୍ଚାକୁ ଆସିଥିବାବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇବା ବିଶେଷ କରି ବ୍ଲକ ଯୋଗାଣ ନିରୀକ୍ଷକ ଘଟଣା ସମ୍ପର୍କରେ ଅବଗତ ନଥିବା ଆଲୋଚ୍ୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ୨୦୦୩ ମସିହା ମେ ମାସ ୧୩ ତାରିଖରେ କୋଟସାହି ପଞ୍ଚାୟତ ଟାଙ୍ଗୀର ରାମଗଡ଼ ମୌଜାରେ ଥିବା ସରକାରୀ ଜମିରେ ଗୋଦାମ ଗୃହ ପ୍ରତିଷ୍ଠା କରାଯାଇଥିଲା। ତତ୍କାଳୀନ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲ ଏହାକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଯୋଗାଣ ନିଗମ ଅଧ୍ୟକ୍ଷ ସୁଦୀପ୍ତ ରାୟ ଓ ସ୍ଥାନୀୟ ବିଧାୟକ ସ୍ୱର୍ଗତ ବିଧୁଭୂଷଣ ପ୍ରହରାଜ ଯୋଗଦେଇଥିଲେ। ଅଫିସ ଗୃହ ନିର୍ମାଣ ଓ ନଳକୂପ ଖନନ ସହ ପାଚେରୀ ନିର୍ମାଣ କରାଯାଇଥିଲା। ମାତ୍ର କିଛି ବର୍ଷ ଠିକ୍ ଠାକ୍ ଚାଲିବା ପରେ କୌଣସି କାରଣରୁ ଆଜକୁ ପ୍ରାୟ ୧୫ ବର୍ଷ ହେଲା ଏହା ବନ୍ଦ ପଡ଼ିଛି। ଫଳରେ ସ୍ଥାନୀୟ ବାସିନ୍ଦା ପାଚେରି ଭାଙ୍ଗି ଏହାକୁ ପାଇଖାନା ଭାବେ ବ୍ୟବହାର କରୁଛନ୍ତି। ଏହାର ସୁରକ୍ଷା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

**● ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ବିଇଓଙ୍କ ବୈଠକ**

# ୩ଟି କେନ୍ଦ୍ରରେ ଲାଗିବ ସିସି କ୍ୟାମେରା

ନିଶ୍ଚିନ୍ତକୋଇଲି, ୧୯।୨(ସମିସ): ଆସନ୍ତା ୨୧ତାରିଖରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ସ୍ୱଚ୍ଛତା ଓ ସୁପରିଚାଳନା ପାଇଁ ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଏହି ବ୍ଲକ ଅଧୀନରେ ମୋଟ୍ ୧୫ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ଏଥିମଧ୍ୟରୁ ତିନୋଟି ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ବିଶେଷ କରି ନିଶ୍ଚିନ୍ତକୋଇଲି ଅହମ୍ମଦବକ୍ସ ନୋଡ଼ାଲ ପରୀକ୍ଷା କେନ୍ଦ୍ର, କୁଳସୁକରପଡ଼ା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କ୍ୟାମେରା ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ଆଉ ଗୋଟିଏ କ୍ୟାମେରା କେଉଁ କେନ୍ଦ୍ରରେ ଲଗାଯିବ ତାହା ଘୋଷଣା କରାଯାଇନାହିଁ। ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ରଙ୍କ ପୌରୋହିତ୍ୟରେ ସମସ୍ତ ପରୀକ୍ଷା କେନ୍ଦ୍ରର ଅଧ୍ୟକ୍ଷ ତଥା ପରିଚାଳକ, ଉପନିୟନ୍ତ୍ରକ, ପର୍ଯ୍ୟବେକ୍ଷକ ଓ ପ୍ରଶ୍ନପତ୍ର ବିତରକମାନେ ଉପସ୍ଥିତ ଥିଲେ। ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ଯେଭଳି କୌଣସି ସମସ୍ୟା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବା ସହିତ ପରୀକ୍ଷାରେ ସ୍ୱଚ୍ଛତା ରଖିବା, ସମ୍ପୂର୍ଣ୍ଣ ସରକାରୀ ନୀତି ନିୟମରେ ପରୀକ୍ଷା ପରିଚାଳନା କରିବା, ପ୍ରତ୍ୟେକ କେନ୍ଦ୍ରରେ ସଠିକ୍ ସମୟରେ ପ୍ରଶ୍ନପତ୍ର ପହଞ୍ଚାଇବା ଏବଂ ଉତ୍ତରପତ୍ର ସଂଗ୍ରହ କରିବା ଆଦି କାର୍ଯ୍ୟକ୍ରମକୁ କିଭଳି ସୂଚାରୁ ରୂପେ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ୧୫ଟି କେନ୍ଦ୍ରରେ ପ୍ରଶ୍ନପତ୍ର ବିତରଣ ପାଇଁ ୪ଟି ଦଳ କରାଯାଇଥିବା ବେଳେ ଗୋଟିଏ ଦଳରେ ଦୁଇଜଣଙ୍କୁ ନିୟୋଜିତ କରାଯାଇଛି। ପ୍ରଶ୍ନପତ୍ର ବଣ୍ଟନ ଦାୟିତ୍ୱରେ ଅକ୍ଷୟ ସିଂ, ସନାତନ ସାହୁ, ମନୋରଞ୍ଜନ ଦଳାଇ, ପାର୍ଥସାରଥୀ ମହାନ୍ତି, ରଞ୍ଜନ ବିଶ୍ୱାଳ, ଲକ୍ଷ୍ମଣ ନାୟକ, ନିରଞ୍ଜନ ପୃଷ୍ଟି ଓ ରାମଚନ୍ଦ୍ର ସାହୁ ପ୍ରମୁଖ ନିୟୋଜିତ ହୋଇଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୭୫ • ପାଉଣ୍ଡ ୧୦୯.୩୧
- ୟୁରୋ ୯୧.୧୭ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୦,୩୫୦ (ଭୁବନେଶ୍ୱର)
- ରୁପା : ୧,୦୦,୫୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ 75,939.00
- ନିଫ୍ଟି 22,932.00

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

**ଆଦାନୀ ମାମଲାରେ ଭାରତର ସହଯୋଗ ଲୋଡ଼ିଲା ଆମେରିକା**

# ଗୌତମ ଓ ସାଗର ଆଦାନୀଙ୍କୁ ମିଳିପାରେ ନୋଟିସ୍




**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ଆଦାନୀ ବିରୋଧରେ ଠକେଇ ଏବଂ ଲାଞ୍ଚ ମାମଲାରେ ଆମେରିକା ଭାରତ ସରକାରଙ୍କଠାରୁ ସାହାଯ୍ୟ ଲୋଡ଼ିଛି। ଆମେରିକାର ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସ୍ଇସି) ନ୍ୟୁୟର୍କ ଫେଡେରାଲ୍ କୋର୍ଟକୁ କହିଛି ଯେ ଲାଞ୍ଚ ମାମଲାରେ ଗୌତମ ଆଦାନୀ ଏବଂ ସାଗର ଆଦାନୀଙ୍କୁ ନୋଟିସ୍ ପଠାଇବା ପାଇଁ ପ୍ରୟାସ କରାଯାଉଛି। ଏସ୍ଇସି ମଙ୍ଗଳବାର କୋର୍ଟଙ୍କୁ କହିଛି ଯେ ଶିଳ୍ପପତି ଗୌତମ ଆଦାନୀ ଏବଂ ତାଙ୍କ ଭଣଜା ସାଗର ଆଦାନୀ ବର୍ତ୍ତମାନ ଭାରତରେ। ସେମାନଙ୍କୁ ନୋଟିସ୍ ଦେବା ପାଇଁ ଭାରତୀୟ କର୍ତ୍ତୃପକ୍ଷଙ୍କଠାରୁ ସାହାଯ୍ୟ ଲୋଡାଯାଇଛି। ଏଥିପାଇଁ ଭାରତର ଆଇନ ମନ୍ତ୍ରଣାଳୟ ସହିତ ଯୋଗାଯୋଗ କରାଯାଉଛି।

ସୂଚନାଯୋଗ୍ୟ ଯେ, ଗୌତମ ଆଦାନୀଙ୍କ ସମେତ ୮ ଜଣଙ୍କ ବିରୁଦ୍ଧରେ ଭାରତରେ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପଗୁଡ଼ିକୁ ଜାଲିଆତି କରି ଅଧିଗ୍ରହଣ କରିବା ନେଇ ଅଭିଯୋଗ ରହିଛି। ଏହି ପ୍ରକଳ୍ପ ପାଇବା ପାଇଁ ସେମାନେ ୨ ହଜାର କୋଟି ଟଙ୍କା ଲାଞ୍ଚ ଦେବାକୁ ଯୋଜନା କରିଥିଲେ। ଏହି ମାମଲାରେ, ୨୦୨୪ ଅକ୍ଟୋବର ୨୪ରେ ନ୍ୟୁୟର୍କର ଫେଡେରାଲ୍ କୋର୍ଟରେ ଏକ ମାମଲା ଦାୟର କରାଯାଇଥିଲା। ଆମେରିକୀୟ ନିବେଶକଙ୍କୁ ମିଛ କହି ଏଥିରେ ପାଣ୍ଠି ସଂଗ୍ରହ କରିବାର ଅଭିଯୋଗ ରହିଛି। ଏହି ଠକେଇ ମାମଲା ଆଦାନୀ ଗ୍ରୁପ୍ କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ ଏବଂ ଅନ୍ୟ ଏକ କମ୍ପାନୀ ସହିତ ଜଡିତ ଥିଲା। ଏଥିରେ ଅଭିଯୋଗ ଥିଲା ଯେ ଆଦାନୀ ଏବଂ ଅନ୍ୟମାନେ ଆମେରିକୀୟ ନିବେଶକ ଏବଂ ବ୍ୟାଙ୍କଗୁଡ଼ିକୁ ମିଛ କହି ଅର୍ଥ ସଂଗ୍ରହ କରିଥିଲେ। ଏହାପରେ ପ୍ରକଳ୍ପ ପାଇବା ପାଇଁ ସେମାନେ ସରକାରୀ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୨୦୨୯ କୋଟି ଟଙ୍କା ଲାଞ୍ଚ ଦେବାକୁ ଯୋଜନା କରିଥିଲେ।

- **ଆଇନ ମନ୍ତ୍ରଣାଳୟ ସହ ଚାଲିଛି ଆଲୋଚନା**

ଚାର୍ଜସିଟ୍ ଅନୁଯାୟୀ, ଏହା ଆମେରିକାର ବିଦେଶୀ ଦୁର୍ନୀତି ଅଭ୍ୟାସ ଆଇନ (ଏଫ୍‌ସିପିଏ)ର ଉଲ୍ଲଙ୍ଘନ। ବିଶେଷ କଥା ହେଉଛି ଯେ ଆମେରିକାର ନ୍ୟାୟ ବିଭାଗର ଦସ୍ତାବିଜରେ ଲାଞ୍ଚ ପ୍ରଦାନ ଏବଂ ଯୋଜନା ବିଷୟରେ ଉଲ୍ଲେଖ ରହିଛି। ଲାଞ୍ଚ ଦିଆଯାଇଥିଲା ବୋଲି କୁହାଯାଇନାହିଁ। ୨୦ ନଭେମ୍ବର ୨୦୨୪ରେ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା ଏବଂ ଏହି ଘଟଣା ସାମ୍ନାକୁ ଆସିଥିଲା। ଏଥିରେ ଆଦାନୀ ଗ୍ରୁପ୍ ସମସ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି। ନଭେମ୍ବର ୨୧ରେ ଜାରି ଏକ ବିବୃତ୍ତିରେ ଆଦାନୀ ଗ୍ରୁପ୍ କହିଛି ଯେ, ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡର ନିର୍ଦ୍ଦେଶକଙ୍କ ବିରୁଦ୍ଧରେ ଯୁକ୍ତରାଷ୍ଟ୍ରର ନ୍ୟାୟ ବିଭାଗ ଏବଂ ଯୁକ୍ତରାଷ୍ଟ୍ର ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ଭିତ୍ତିହୀନ। ଏହି ଖବର ଆସିବା ପରେ ଆଦାନୀଙ୍କ ନେଟ୍ ସମ୍ପତ୍ତିରେ ୧.୦୨ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଥିଲା। ଏହି ସମୟରେ, କେନିଆ ଆଦାନୀ ଗ୍ରୁପ୍ ସହିତ ବିଦ୍ୟୁତ୍ ପରିବହନ ଏବଂ ବିମାନ ବନ୍ଦର ସମ୍ପ୍ରସାରଣ ଚୁକ୍ତିକୁ ବାତିଲ କରିଦେଇଛି। ଉଭୟ ଚୁକ୍ତିର ମୂଲ୍ୟ ୨୧,୪୨୨ କୋଟି ଟଙ୍କା ଥିଲା।

**ପୁଣି ଟ୍ରମ୍ପ ଦେଲେ ଶୁଳ୍କ ଧମକ**

## ଅଟୋ, ଫାର୍ମା, ସେମିକଣ୍ଡକ୍ଟର ଚିପ୍ସରେ ଲାଗିବ ୨୫% ଶୁଳ୍କ




**ୱାଶିଂଟନ୍,୧୯।୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶପଥ ଗ୍ରହଣ ପରଠାରୁ ସରକାର କିଛି ନା କିଛି ବଡ଼ ନିଷ୍ପତ୍ତି ନେଉଥିବା ଦେଖାଯାଉଛି। ଏହି ନିଷ୍ପତ୍ତିଗୁଡ଼ିକୁ ଆମେରିକା ପାଇଁ ଏକ ବଡ଼ ପଦକ୍ଷେପ ଭାବରେ ଦେଖାଯାଉଥିବାବେଳେ ଏହା ବିଶ୍ୱ ବାଣିଜ୍ୟକୁ ବେଶ ପ୍ରଭାବିତ କରୁଥିବା ପରିଲକ୍ଷିତ ହେଉଛି। ଡୋନାଲ୍ଡ ଟ୍ରମ୍ପ ଅନ୍ୟ ଦେଶରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ବହୁବିଧ ଶୁଳ୍କ ଅର୍ଥାତ୍ ଟିକସ ଲାଗୁ କରୁଥିବା ଦେଖାଯାଉଛି। ଏବେ ଟ୍ରମ୍ପ୍ ପୁଣି ଥରେ ଶୁଳ୍କ ଲାଗୁ ଧମକ ଦେଇଛନ୍ତି। ଏଥର ଟ୍ରମ୍ପ ତିନୋଟି କ୍ଷେତ୍ରରେ ଶୁଳ୍କ ଲାଗୁ କରାଯିବ ବୋଲି ଘୋଷଣା କରିଛନ୍ତି। ସେହି ଅନୁଯାୟୀ, ଅଟୋ, ଫାର୍ମା ଏବଂ ସେମିକଣ୍ଡକ୍ଟର ଚିପ୍ସ ଉପରେ ୨୫% ଶୁଳ୍କ ହେବ। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟ୍ରମ୍ପ ଏ ପର୍ଯ୍ୟନ୍ତ କହିନାହାଁନ୍ତି ଯେ ଏହି ତିନୋଟି ସାମଗ୍ରୀ ଉପରେ ଲାଗୁ ହେବାକୁ ଥିବା ଶୁଳ୍କ କେଉଁ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ଲାଗୁ ହେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଏ ପର୍ଯ୍ୟନ୍ତ ପ୍ରକାଶ କରାଯାଇନାହିଁ। କୁହାଯାଉଛି ଯେ ଟ୍ରମ୍ପଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଶୁଳ୍କ ଘରୋଇ (ଆମେରିକୀୟ) ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ହେଲେ ଏସବୁ ଶୁଳ୍କର ପ୍ରଭାବ ଭାରତ ଉପରେ କ'ଣ ରହିବ ସେ ନେଇ ଏବେଠାରୁ ଅବଗଣନା ଆରମ୍ଭ ହୋଇଗଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ସମୟରେ ଟ୍ରମ୍ପ ଆମେରିକାର ହାର୍ଲି-ଡେଭିଡସନ ମୋଟର ସାଇକେଲ ଉପରେ ଭାରତ ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କ ବିଷୟରେ ବିଶେଷ ଭାବରେ ଉଲ୍ଲେଖ କରିଥିଲେ। ୨୦୨୦ ସେପ୍ଟେମ୍ବରରେ କମ୍ପାନୀ ଦୁର୍ବଳ ବିକ୍ରି ଏବଂ କମ ଚାହିଦା ଦର୍ଶାଇ ଭାରତରୁ ଏହାର ପ୍ରତ୍ୟାହାର ଘୋଷଣା କରିଥିଲା। କମ୍ପାନୀର ବାଇକ୍ ଉପରେ ଉଚ୍ଚ ଟିକସ ଲାଗୁ ଏହାର ମୁଖ୍ୟ କାରଣ ଥିଲା।

## ଓସ୍‌ମି ପକ୍ଷରୁ ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇ ପାଇଁ ଋଣ ମେଳା




**ଭୁବନେଶ୍ୱର,୧୯।୨ (ସମିସ):** ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ସହଯୋଗରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପରିଷଦ (ଓସ୍‌ମି) ପକ୍ଷରୁ ଷ୍ଟାର୍ଟଅପ୍ ଓ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ ଏକ ଋଣ ମେଳା ଇନଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟ୍ରେପ୍ରେନ୍ୟୋରସିପ ଡେଭେଲପମେଣ୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୦୦ରୁ ଅଧିକ ଷ୍ଟାର୍ଟଅପ୍, ଏମ୍‌ଏସ୍‌ଏମ୍‌ଇ ଏବଂ ଆଶାୟୀ ଉଦ୍ୟୋଗୀମାନେ ଅଂଶଗ୍ରହଣ କରି ପାଣ୍ଠିର ସୁଯୋଗ ସମ୍ବନ୍ଧରେ ଅନୁସନ୍ଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା,ଓସ୍‌ମିର ମହାସଚିବ ସାତ୍ୱିକ ସ୍ୱାଇଁ, ସିଡ୍‌ବିର ଡିଜିଏମ୍ ପ୍ରଦ୍ୟୁମ୍ନ ଚୌଧୁରୀ, ଏସଏଲ୍‌ବିସି ମୁଖ୍ୟ ତଥା ମହାପ୍ରବନ୍ଧକ ଗୌତମ ପାତ୍ର, ଆଇଇଡିଏସ୍, କଟକ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓର ଯୁଗ୍ମ ନିର୍ଦ୍ଦେଶକ ପି.କେ ଗୁପ୍ତା, ଏମ୍‌ଏସ୍‌ଏମ୍‌ଇ ବିଭାଗର ସ୍ୱତନ୍ତ୍ର ସଚିବ ବିଭୁ ଭୂଷଣ ଦାଶ, ଓଏଏସ୍‌ଏମ୍‌ଇ ମହିଳା ଶାଖା ଅଧକ୍ଷା ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ନିବେଶର ତରିକା ବଦଳାଇବ ଇପିଏଫ୍‌ଓ**

# ଏଣିକି କର୍ପୋରେଟ୍ ବଣ୍ଡରେ ଅଧିକ ନିବେଶ




**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଏହାର ନିବେଶ ପଦ୍ଧତିରେ ଖୁବ୍ ଶୀଘ୍ର ଏକ ବଡ଼ ପରିବର୍ତ୍ତନ କରିପାରେ। ସଂଗଠନ ଋଣ ଉପକରଣ ବା ଡେବ୍ଟ ଇନ୍‌ଷ୍ଟ୍ରୁମେଣ୍ଟରେ ଇପିଏଫ୍‌ଓ ର ନିବେଶକୁ ୨୦% ରୁ ୧୦% କୁ ହ୍ରାସ କରିବା ପାଇଁ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଅର୍ଥ ମନ୍ତ୍ରଣାଳୟର ଅନୁମୋଦନ ଲୋଡିବ। ଏହି ପରିବର୍ତ୍ତନର କାରଣ ହେଉଛି ସାର୍ବଜନୀନ କ୍ଷେତ୍ର ବଣ୍ଡଗୁଡିକରୁ କମ୍ ରିଟର୍ଣ୍ଣ ଏବଂ ଯୋଗାଣ। ନିବେଶ ପଦ୍ଧତିରେ ପରିବର୍ତ୍ତନ ଇପିଏଫ୍‌ଓକୁ କର୍ପୋରେଟ୍ ବଣ୍ଡରେ ଅଧିକ ନିବେଶ କରିବାକୁ ସକ୍ଷମ କରିବ, ଯାହା ଅଧିକ ରିଟର୍ଣ୍ଣ ଦେବ। ତଥାପି, ଏଭଳି ପଦକ୍ଷେପଗୁଡିକରେ ଟିକେ ଅଧିକ ବିପଦ ରହିଛି। ଏକ ରିପୋର୍ଟ ଅନୁଯାୟୀ, ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ଇପିଏଫ୍‌ଓ ର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିଲା। ସିବିଟି ହେଉଛି ଇପିଏଫ୍‌ଓର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା। ଏହା ଇପିଏଫ୍‌ଓର କାର୍ଯ୍ୟକାରିତା ତଦାରଖ କରିଥାଏ। ସିବିଟିରେ ନିଯୁକ୍ତିଦାତା, କର୍ମଚାରୀ ଏବଂ ସରକାରଙ୍କ ପ୍ରତିନିଧିମାନେ ସାମିଲ ଅଛନ୍ତି। ଅପରପକ୍ଷେ ଯଦି ନିବେଶରେ ଏହି ପରିବର୍ତ୍ତନ କାର୍ଯ୍ୟକାରୀ କରାଯାଏ, ତେବେ ଇପିଏଫ୍‌ଓର ୭କୋଟିରୁ ଅଧିକ ସଦସ୍ୟଙ୍କ ଅବସରକାଳୀନ ସଞ୍ଚୟ ପ୍ରଭାବିତ ହେବାର ସମ୍ଭାବନା ରହିଛି। ତଥାପି, ଏହି ବିପଦକୁ କମ୍ କରାଯାଇପାରିବ। ଯଦି ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କର୍ପୋରେଟ୍ ବଣ୍ଡରେ ନିବେଶ କରାଯାଏ, ତେବେ ଏହି ବିପଦ ହ୍ରାସ ପାଇପାରେ। ଏହି ନିଷ୍ପତ୍ତି ନିଶ୍ଚିତ ଭାବରେ ସଂଗଠନର ନିବେଶ ପୋର୍ଟଫୋଲିଓରେ ବିବିଧତା ଆଣିବ। ଇପିଏଫ୍‌ଓ କର୍ମଚାରୀଙ୍କ ଅବସରକାଳୀନ ସଞ୍ଚୟ ପରିଚାଳନା କରିଥାଏ। ବର୍ତ୍ତମାନ, ଇପିଏଫ୍‌ଓ ସାର୍ବଜନୀନ କ୍ଷେତ୍ରର କମ୍ପାନୀ (ପିଏସ୍‌ୟୁ) ଗୁଡ଼ିକ ଦ୍ୱାରା ଜାରି କରାଯାଇଥିବା ବଣ୍ଡରେ ନିବେଶ କରେ। କିନ୍ତୁ, ଏହି ବଣ୍ଡଗୁଡ଼ିକ କମ୍ ରିଟର୍ଣ୍ଣ ଦେଉଛି। ବର୍ଷସାରା

- **ନିବେଶ ୧୦%କୁ ହ୍ରାସ କରିବାକୁ ପ୍ରସ୍ତାବ**
- **ନଭେମ୍ବରରେ ଅନୁଷ୍ଠିତ ସିବିଟି ବୈଠକରେ ହୋଇଥିଲା ଆଲୋଚନା**

ଏଗୁଡ଼ିକର ପର୍ଯ୍ୟାପ୍ତ ଉପଲବ୍ଧତା ନାହିଁ। ତେଣୁ, ଇପିଏଫ୍‌ଓ ଏବେ କର୍ପୋରେଟ୍ ବଣ୍ଡରେ ଅଧିକ ନିବେଶ କରିବାକୁ ଚାହୁଁଛି। କର୍ପୋରେଟ୍ ବଣ୍ଡଗୁଡ଼ିକ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ଜାରି କରାଯାଏ। ଏଗୁଡ଼ିକ ସରକାରୀ ବଣ୍ଡ ଅପେକ୍ଷା ଅଧିକ ରିଟର୍ଣ୍ଣ ଦିଅନ୍ତି, କିନ୍ତୁ, ଏଗୁଡ଼ିକରେ ଅଧିକ ବିପଦ ରହିଥାଏ।

## ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ଡିଏସ୍‌ପି ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ

**ମୁମ୍ବଇ,୧୯।୨(ଏଜେନ୍ସି):** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଡିଏସ୍‌ପି ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଏହା ଏକ ଓପନ ଏଣ୍ଡେଡ ସ୍କିମ୍ ଯାହା ନିବେଶକଙ୍କୁ ବେସରକାରୀ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ନିବେଶ କରିବା ନିମନ୍ତେ ଏକ ଦୃଷ୍ଟିନିବଦ୍ଧକାରୀ ଆଭିମୁଖ୍ୟ ଯୋଗାଇଦେବାକୁ ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସର ପ୍ରତିକୃତି/ଟ୍ରାକିଂ କରିବ। ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ନେଇ ଅଧିକ ଉତ୍ସାହୀ ଥିବା ନିବେଶକମାନେ ଏହି ଫଣ୍ଡରେ ନିବେଶ କରିପାରିବେ, ଯେଉଁମାନଙ୍କର ଦୃଷ୍ଟିନିବଦ୍ଧକାରୀ ଆଭିମୁଖ୍ୟ ସେମାନଙ୍କୁ ଚାରୋଟି ସର୍ବବୃହତ ବେସରକାରୀ ବ୍ୟାଙ୍କ ସଂସ୍ପର୍ଶରେ ଆଣୁଛି ଯେଉଁବ୍ୟାଙ୍କଗୁଡିକ ଏହି ଇଣ୍ଡେକ୍ସରେ ପ୍ରାୟ ୮୦% ଅଂଶ ରଖୁଛନ୍ତି। ଡିଏସ୍‌ପିର ବିଶ୍ୱାସ ଯେ ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ମଧ୍ୟରେ ବୃହତ୍ତର ବ୍ୟାଙ୍କଗୁଡିକ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଯିବା ଦ୍ୱାରା ସେଥିରୁ ଫାଇଦା ମିଳିପାରିବ। ଗ୍ରାହକମାନେ କ୍ଷୁଦ୍ର ବ୍ୟାଙ୍କଗୁଡିକ ତୁଳନାରେ ବୃହତ୍ତର ବ୍ୟାଙ୍କଗୁଡିକୁ ଅଧିକ ଭରସା ଓ ପସନ୍ଦ କରିଥାନ୍ତି।

## ୨୧ରୁ ଦ୍ୱିତୀୟ ନ୍ୟାସନାଲ ଥର୍ମାଲ ସ୍ପ୍ରେ ସମ୍ମିଳନୀ ଏବଂ ଏକ୍ସପୋ



**ଭୁବନେଶ୍ୱର,୧୯।୨(ସମିସ):** ଦ୍ୱିତୀୟ ନ୍ୟାସନାଲ ଥର୍ମାଲ ସ୍ପ୍ରେ କନଫରେନ୍ସ ଆଣ୍ଡ ଏକ୍ସପୋ (ଏନଟିଏସସି ୨୦୨୫) ଥର୍ମାଲ ସ୍ପ୍ରେ ଟେକ୍ନୋଲୋଜି ଏବଂ ସର୍ଫେସ୍ ଇଞ୍ଜିନିୟରିଂ କ୍ଷେତ୍ରରେ ଏକ ଐତିହାସିକ କାର୍ଯ୍ୟକ୍ରମ ହେବାକୁ ଯାଉଛି। ସିଏସ୍‌ଆଇଆର୍-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସଆଇଆର-ଆଇଏମଏମଟି) ଏବଂ ଇଣ୍ଡିଆନ୍ ଥର୍ମାଲସ୍ପ୍ରେ ଆସୋସିଏସନ୍ (ଆଇଟିଏସଏ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଫେବୃୟାରୀ ୨୧ରୁ ୨୩ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଆଇଏମଏମଟି କ୍ୟାମ୍ପସରେ ବୈଜ୍ଞାନିକ, ଗବେଷକ, ଉଦ୍ୟଗପତି ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଏକାଠି କରିବ। ଉଦଘାଟନୀ ସଂସ୍କରଣର ସଫଳତାକୁ ଆଧାର କରି ଏନଟିଏସସି ୨୦୨୫ ଥର୍ମାଲ ସ୍ପ୍ରେ କୋଟିଂର ଅତ୍ୟାଧୁନିକ ଅଗ୍ରଗତି ଏବଂ ଏକାଧିକ ଶିଳ୍ପରେ ଏହାର ପ୍ରୟୋଗକୁ ପ୍ରଦର୍ଶିତ କରିବ। ଏରୋସ୍ପେସ୍, ଅଟୋମୋଟିଭ୍, ଏନର୍ଜି, ବାୟୋମେଡିକାଲ୍ ଏବଂ ଉତ୍ପାଦନ କ୍ଷେତ୍ରରେ ଶିକ୍ଷା, ଶିଳ୍ପ ଏବଂ ସରକାରଙ୍କ ବିଶେଷଜ୍ଞମାନେ ଯୋଗ ଦେବେ, ଯେଉଁଥିରେ ଗବେଷକ, ଇଞ୍ଜିନିୟର, ଉଦ୍ୟୋଗୀ, ଥର୍ମାଲ ସ୍ପ୍ରେ ନିର୍ମାତା ଏବଂ ଆଶାୟୀ ପ୍ରତିଭା ସାମିଲ ହେବେ। ଏହି କାର୍ଯ୍ୟକ୍ରମରେ ପ୍ଲାଜମା ସ୍ପ୍ରେ, ଏଚଭିଓଏଫ, କୋଲ୍ଡ ସ୍ପ୍ରେ, ସସପେନସନ ଆଣ୍ଡ ସଲ୍ୟୁସନ ପ୍ରିଫରିଅର୍ ସ୍ପ୍ରେ କୌଶଳ, ନେନୋଷ୍ଟ୍ରକ୍ଚର୍ଡ୍ ଓ କମ୍ପୋଜିଟ୍ କୋଟିଂ, କ୍ଷରଣ ପ୍ରତିରୋଧୀ କୋଟିଂ ଏବଂ ଶକ୍ତି-ଦକ୍ଷ କୋଟିଂ ଟେକ୍ନୋଲୋଜି ଭଳି ବିଷୟ ଉପରେ ବିଶିଷ୍ଟ ବିଶେଷଜ୍ଞଙ୍କ ବକ୍ତବ୍ୟ ରହିବ।

## ଦିଲ୍ଲୀ, ମୁମ୍ବଇରେ ଖୋଲିବ ଟେସ୍‌ଲା ସୋ' ରୁମ୍

**ଚଳିତ ମାସରୁ ବିକ୍ରି ଆରମ୍ଭ**

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ଏଲନ ମସ୍କଙ୍କ କମ୍ପାନୀ ଟେସ୍‌ଲା ଭାରତରେ ଏଣ୍ଟ୍ରି ମାରିବାକୁ ଉଦ୍ୟମ ଆରମ୍ଭ କରିଛି। ଏଥିପାଇଁ କମ୍ପାନୀ ଭାରତରେ କିଛି କର୍ମଚାରୀ ନିଯୁକ୍ତି ଦେଇଛି। ଟେସଲା ୧୩ ଜଣଙ୍କୁ ନିଯୁକ୍ତି ଦେଇଥିବା ନେଇ ଚଳିତମାସ ୧୭ରେ ଲିଙ୍କଡିନ୍‌ରେ ଘୋଷଣା କରିଥିଲା। ଏଥିରେ ଗ୍ରାହକ ସେବା ଏବଂ ବ୍ୟାକ୍ ଅଫିସ୍ ପରିଚାଳନା ସହିତ ଜଡ଼ିତ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଭାରତରେ ଏଣ୍ଟ୍ରି ମାରିବାକୁ ଟେସଲା ଅନେକ ବର୍ଷ ହେବ ଚେଷ୍ଟା ଜାରି ରଖିଛି। ଶୁଳ୍କ କମାଇବା ପାଇଁ କମ୍ପାନୀ ଅନେକ ଥର ଭାରତ ସରକାରଙ୍କ ସହିତ ମୂଲଚାଲ କରିଛି। ରିପୋର୍ଟ ଅନୁଯାୟୀ, ଟେସଲା ଭାରତରେ ମଧ୍ୟ ଏହାର କାରଖାନା ସ୍ଥାପନ କରିବାକୁ ପ୍ରସ୍ତୁତ ହେଉଛି। ଏଥିପାଇଁ କମ୍ପାନୀ ଜମି ଖୋଜିବାରେ ଲାଗି ପଡ଼ିଛି। କମ୍ପାନୀ ଅଟୋମୋଟିଭ୍ ହବ୍ ଅଞ୍ଚଳଗୁଡ଼ିକରେ ପ୍ଲାଣ୍ଟ ସ୍ଥାପନ କରିବାକୁ ଚେଷ୍ଟା କରୁଛି। ଦିଲ୍ଲୀ ଓ ବମ୍ବେରେ ଟେସ୍‌ଲା ସୋ' ରୁମ୍ ଖୋଲିବାକୁ ଯାଉଥିବା ଜଣାଯାଇଛି।

## କର୍ପୋରେଟ ଗଭର୍ଣ୍ଣାନ୍ସ ପାଇଁ ଟିପିସିଓଡିଏଲ୍ ପୁରସ୍କୃତ



**ଭୁବନେଶ୍ୱର, ୧୯।୨(ସମିସ):** କର୍ପୋରେଟ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଟିପିସିଓଡିଏଲ୍ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ୧୦୦ ତମ ସ୍କଚ୍ ସମିଟ୍ ୨୦୨୪ ରେ ବୋର୍ଡ କମ୍ପୋଜିସନ୍ ଆଣ୍ଡ ଡିସକ୍ଲୋଜର ସମ୍ବନ୍ଧୀୟ କର୍ପୋରେଟ ଗଭର୍ଣ୍ଣାନ୍ସ ପ୍ରକଳ୍ପ ପାଇଁ ରୌପ୍ୟ ପୁରସ୍କାର ଲାଭ କରିଛି। ଟିପିସିଓଡିଏଲ୍ ପାରଦର୍ଶିତା, ଦାୟିତ୍ୱବୋଧତା ଏବଂ ନୈତିକତାର ସର୍ବୋଚ୍ଚ ମାନଦଣ୍ଡ ରକ୍ଷା କରି ଯୋଜନାବଦ୍ଧ କାର୍ଯ୍ୟ ପ୍ରଣାଳୀ, ନୀତି ନିର୍ଦ୍ଧାରଣ, ବିପଦ ପରିଚାଳନା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ବୈଧାନିକ ଅନୁସାରିତା ଉପରେ ଗୁରୁତ୍ୱ ଦେଇଥାଏ। ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସଠିକ୍ ଉପଯୋଗ କରି ଲୋକଙ୍କୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରତିବଦ୍ଧ ଟିପିସିଓଡିଏଲ୍ କର୍ପୋରେଟ ଗର୍ଭନାନ୍ସ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରି ଗୌରବ ହାସଲ କରିଛି।

**ଓସାଫି ତରଫରୁ ଷଷ୍ଠ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ମିଳନୀ**

# ଏବେ ବି ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ଅପହଞ୍ଚ




**ଭୁବନେଶ୍ୱର,୧୯।୨(ସମିସ):** ସଂଖ୍ୟକ ଶାଖାର ଅଭାବ ଯୋଗୁଁ ରାଜ୍ୟରେ ବ୍ୟାଙ୍କ ସେବା ଗ୍ରାମାଞ୍ଚଳ କ୍ଷେତ୍ରରେ ବିଶେଷ ଭାବେ ପହଞ୍ଚିପାରୁନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନଗୁଡିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଓଡ଼ିଶାରେ ବର୍ତ୍ତମାନ ୮୦ ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ ଏବଂ ବ୍ୟାଙ୍କ କାର୍ଯ୍ୟରତ। ଏହି ଆର୍ଥିକ ପ୍ରତିଷ୍ଠାନ ସମୂହଗୁଡିକର ୪୬ ଲକ୍ଷ ମହିଳାଙ୍କ ପାଖରେ ୨୧,୭୯୭ କୋଟି ଟଙ୍କାର ଋଣ ବକେୟା ରହିଛି। ସେଥିମଧ୍ୟରୁ ୭୧ ଭାଗ ମହିଳା କେବଳ ଗ୍ରାମାଞ୍ଚଳ ତଥା ଅପହଞ୍ଚ ଇଲାକାରେ ବସବାସ କରୁଥିବା ଓସାଫି ପକ୍ଷରୁ ସ୍ଥାନୀୟରେଳ ଅଡିଟୋରିୟମ୍‌ରେ ଆୟୋଜିତ ଷଷ୍ଠ ରାଜ୍ୟ ସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ମିଳନୀରେ ବକ୍ତାମାନେ ଏହା କହିଛନ୍ତି।କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ ପ୍ରମୋଦ କୁମାର ଓ ଓସାଫିର ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକ ଉଦଘାଟନ କରିଥିଲେ। ସମ୍ମିଳନୀର ଦୁଇଟି ଅଧିବେଶନରେ ଡିଜିଟାଲ ଫାଇନାନ୍ସ, ଦକ୍ଷତା ବିକାଶ, କ୍ଷୁଦ୍ର ଉଦ୍ୟୋଗ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଜିଲ୍ଲାରୁ ୬୦୦ ମହିଳା ଉଦ୍ୟୋଗୀ ଯୋଗଦେଇଥିବାବେଳେ ୩୦ ଜଣ ସଫଳ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓସାଫିର ମୁଖ୍ୟ କାର୍ଯ୍ୟନିର୍ବାହୀ ନରେନ୍ଦ୍ର ନାୟକ,ଏମ୍‌ଫିନ୍‌ର ଉପସଭାପତି ହବିବ ସହିକ, ସାଧନର ନିର୍ଦ୍ଦେଶକ ସାଇବୁଲ ପଲ, ସିଡ୍‌ବିର ଉପସାଧାରଣ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ମିଶନ ଶକ୍ତି ର ଆର୍ଥିକ ଉପଦେଷ୍ଟା ଅନୋଜ କୁମାର ପ୍ରଧାନ,ସେୟାର ଇଣ୍ଡିଆର ଉପ ସଭାପତି ଆଲୋକ ପଟ୍ଟନାୟକ, ଓସାଫିର ଉପ ସଭାପତି ଗୋବିନ୍ଦ ଦାସ, ପ୍ରମୁଖ ବକ୍ତା ଭାବେ ଯୋଗ ଦେଇ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ବିଭିନ୍ନ ଅନୁଷ୍ଠାନର ଭୂମିକା ବିଷୟରେ କହିଥିଲେ। ଶେଷରେ ଓସାଫିର ବୋର୍ଡ ସଦସ୍ୟ ଆଶିଷ କୁମାର ଦାସ ଓ ଯୁଗଳ କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

